## ବାରମ୍ବାର ବିଦ୍ୟୁତ୍ କାଟ୍ ଜନଜୀବନ ଅସ୍ତବ୍ୟସ୍ତ

ନିମାପଡ଼ା, ୧୧।୬(ସମିସ): ଗ୍ରାମାଞ୍ଚଳରେ ବିଜୁଳି କାଟ ହେବନାହିଁ ବୋଲି ରାଜ୍ୟ ସରକାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।ମାତ୍ର ଖରାଦିନେ ବାରମ୍ବାର ନିମାପଡ଼ା ଅଞ୍ଚଳରେ ବିଜୁଳିକାଟ ହେବ ଦ୍ୱାରା ଜନସାଧାରଣଙ୍କ ଭିତରେ ଅସନ୍ତୋଷ ବୃଦ୍ଧିପାଇଛି। ଅସହ୍ୟ ଗୁଳଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିମାପଡ଼ା, ଚାରିଛକ, ବଳଙ୍ଗା ଆଦି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭାଗୀୟ କର୍ମଚାରୀଙ୍କ ଖାମ ଖିଆଲ ଯୋଗୁଁ ବାରମ୍ବାର ବିଜୁଳି କଟୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ବାରମ୍ବାର ବିଜୁଳି କଟିବା ଫଳରେ ବୟସ୍କ ବୃଦ୍ଧମାନେ ଗରମରେ ଆଉଟପାଉଟ ହେବା ସହ ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ଦେଖାଦେଇଛି। ଅନ୍ୟପକ୍ଷରେ ଲୋଭୋଲଟେଜ୍ ସାଙ୍ଗକୁ ବାରମ୍ବାର ବିଜୁଳି କାଟ ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷକରି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମନମାନି ଯୋଗୁଁ ଅଞ୍ଚଳରେ ବାରମ୍ବାର ବିଜୁଳି କଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ବିଧାୟକ ତୁଷାରକାନ୍ତିଙ୍କୁ ଧୂମାଳ ପଞ୍ଚାୟତରେ ସ୍ୱାଗତ

ନୟାହାଟ, ୧୧।୬(ସମିସ):କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ବିଜେଡିରୁ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବାରୁ ଗୋପ ବ୍ଲକ ଅଞ୍ଚଳର ୧୪ପଞ୍ଚାୟତ ଓ କୋଣାର୍କ ଏନ୍ଏସି ଠାରୁ ଧୂମାଳ ପଞ୍ଚାୟତ ସର୍ବାଧିକ ୪୦୦ରୁ ଅଧିକ ଭୋଟ ଦେଇ ରେକର୍ଡ କରିଛନ୍ତି।୧୪ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତ କମ ଭୋଟ ପାଇଥିବା ବେଳେ ଧୂମାଳ ପଞ୍ଚାୟତ ଅଧିକ ଭୋଟ ପାଇଛନ୍ତି। ନୟାହାଟ ଅଞ୍ଚଳର ଧୂମାଳ ପଞ୍ଚାୟତର ଯୁବ ନେତା ଅଭିମନ୍ୟୁ ସିଂହ, ସଭାପତି ଆଲୋକ ରାୟ, ସରପଞ୍ଚ ମୋନାଲିସା ସିଂହ, ସମିତି ସଭ୍ୟା ଭାନୁମତି ମାଣିକ, ନୟାହାଟ ସୋସାଇଟି ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ଅଶୋକ କୁମାର ସାହୁ ପ୍ରମୁଖ ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

### ଆବାସସ୍ଥଳୀରୁ ହ୍ରାସ ପାଉଛି ଜଙ୍ଗଲ

# ବିଗୁଡୁଛି ପରିବେଶ ସନ୍ତୁଳନ ; ବିପଦରେ ବନ୍ୟଜନ୍ତୁ

ଅସ୍ତରଙ୍ଗ, ୧୧।୬(ସମିସ):





ପୁରୀ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଅସ୍ତରଙ୍ଗ ବନାଞ୍ଚଳରୁ ଅବିଚାରିତ ଭାବେ ୧୦ ବର୍ଷର ପୁରୁଣା ଗଛ ଦର୍ଶାଇ ଜଙ୍ଗଲ କଟାଯାଇ ବନ ନିଗମ ମାଧ୍ୟମରେ ବିକ୍ରି କରାଯାଉଛି। ପ୍ରତି ୧୦ ବର୍ଷରେ ପୁନଃ ବନୀକରଣ ନାମରେ ବନ୍ୟ ପ୍ରାଣୀଙ୍କ ପ୍ରାକୃତିକ ପରିସଂସ୍ଥାନ ନଷ୍ଟ କରାଯାଉଛି। ଫଳରେ ଜଙ୍ଗଲୀ ବନ୍ୟପ୍ରାଣୀ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ହରାଇ ମୃତ୍ୟୁମୁଖରେ ପଡ଼ିବ ସହ ଉପକୂଳ ଅସ୍ତରଙ୍ଗ ଅଞ୍ଚଳ ବାତ୍ୟା ପ୍ରତିରୋଧକ ହରାଉଛି। ତତ୍ସହିତ ପ୍ରାକୃତିକ ଆବାସସ୍ଥଳ ହରାଇ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ଲଢ଼େଇ ଚାଲୁଛି। ଅସ୍ତରଙ୍ଗ ବନାଞ୍ଚଳ ଦେବୀ ମୁହାଁଣ ଠାରୁ କେଲୁଣି ମୁହାଁଣ ପର୍ଯ୍ୟନ୍ତ ପ୍ରାୟ ୨୨କିଲୋମିଟର ମଧ୍ୟରେ ୩ହଜାରରୁ ଊର୍ଦ୍ଧ୍ୱ ହରିଣ ଚଳପ୍ରଚଳ ଚଳପ୍ରଚଳ କରୁଛନ୍ତି। ଏଥିସହ ଅନ୍ୟାନ୍ୟ ବନ୍ୟପ୍ରାଣୀ ହଜାର ହଜାର ସଂଖ୍ୟାରେ ବସବାସ କରୁଛନ୍ତି। ଜଙ୍ଗଲ ସୃଷ୍ଟି ଦ୍ୱାରା ପରିବେଶ ସନ୍ତୁଳନରେ ସ୍ଥିରତା ରହିବା ସହ ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀ ସୁରକ୍ଷିତ ହୋଇପାରିବ ଏବଂ ଘଞ୍ଚଜଙ୍ଗଲ ବାତ୍ୟା ବିପର୍ଯ୍ୟୟ ସମୟରେ ଉପକୂଳକୁ ସୁରକ୍ଷା ଦେଇପାରିବ ବୋଲି ସରକାର କହୁଛନ୍ତି। କିନ୍ତୁ ଅସ୍ତରଙ୍ଗ ବନାଞ୍ଚଳରେ ଏହାର ବିପରୀତ ଦେଖିବାକୁ ମିଳିଛି। ଏହି ବାନାଞ୍ଚଳ ଅନ୍ତର୍ଗତ ମୁହାଁଣ ମୁଁହ ସେକ୍ସନରେ ଅବିଚାରିତ ଭାବେ ଗଛକଟା ଚାଲିଛି। ଏବେ ସମ୍ପୃକ୍ତ ସ୍ଥାନରେ କେବଳ ବୃକ୍ଷଶୂନ୍ୟ ବାଲୁକା ସ୍ତୁପ ଦେଖାଯାଉଛି। ପୁରୁଣା ଗଛ କଟାଯାଇ ନୂତନ ଚାରାରୋପଣ କରାଯିବ ବୋଲି କୁହାଯାଉଛି। ତେବେ ଗଛ କଟାଯାଇ ନୂତନ ଜଙ୍ଗଲ ସୃଷ୍ଟି ହେବାର ମଧ୍ୟବର୍ତ୍ତୀ ସମୟରେ ସାମୁଦ୍ରିକ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଦାୟୀ କିଏ କରିବା ରହିବ ବୋଲି ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।ଜଙ୍ଗଲ କଟାଯିବା ଫଳରେ ପ୍ରତି ବର୍ଷ ଶହ ଶହ ହରିଣ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁ ଜନବସତି ମୁହାଁ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି।ଏଥି ସହିତ ହାୟେନା ଓ ବିଲୁଆ ପ୍ରଜାତିର ଜଙ୍ଗଲୀ ଜନ୍ତୁ ଜନବସତିରେ ପ୍ରବେଶ କରି ଗତ ଏକ ବର୍ଷ ମଧ୍ୟରେ ଜଙ୍ଗଲ ସନ୍ନିକଟ ବଳଭଦ୍ରପୁର, ଗୁଣ୍ଡଳବା, ସହନ ପ୍ରଭୃତି ଗାଁର ୧୨ ଜଣ ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି।ଗତ କିଛି ବର୍ଷ ହେବ ସାରା ରାଜ୍ୟରେ ଯେଉଁ ଭଳି ଭାବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ସେଥିରୁ ମୁକ୍ତି ପାଇବା ପାଇଁ ସାଧାରଣ ଜନତାଙ୍କ ସମେତ ବନ ବିଭାଗର ପ୍ରମୁଖ ଭୂମିକା ରହିଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ରୋକିବା ପାଇଁ ଚାରାରୋପଣ କରି ଜଙ୍ଗଲ ସୃଷ୍ଟି କରିବା ନିହାତି ଆବଶ୍ୟକ। କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଯାଉଛି। ସରକାରୀ ଭାବେ ହେଉଥିବା ଜଙ୍ଗଲରୁ କାଠ ଚାଲାଣ ଯୋଗୁଁ ଦିନକୁ ଦିନ ଜଙ୍ଗଲ ପଦା ହେବାରେ ଲାଗିଛି। ଅସ୍ତରଙ୍ଗ ବନାଞ୍ଚଳରୁ ପ୍ରତିଦିନ ଶହଶହ ଗଛ କଟାଯାଉଛି। ଯାହାର ସିଧାସଳଖ ପ୍ରଭାବ ପରିବେଶ ଉପରେ ପଡୁଛି। ଜଗନ୍ନାଥ ପ୍ରକଳ୍ପ ନାଁରେ ହୋଇଥିବା ଜଙ୍ଗଲ ପ୍ରକଳ୍ପ ଅନୁସାରେ ବନବିଭାଗ ପକ୍ଷରୁ ପ୍ରତି ୧୦ବର୍ଷରେ ପୁରୁଣା ଝାଉଁ କାଠ କଟାଯିବା ନେଇ ବ୍ୟବସ୍ଥା ରହିଛି। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ଅଳ୍ପ ବର୍ଷର ଗଜା ଝାଉଁ ଗଛ କଟାଯାଉଥିବା ଅଭିଯୋଗ ହେଉଛି। ଏସମ୍ପର୍କରେ ପୁରୀ ଅତିରିକ୍ତ ବନସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ କୁହନ୍ତି, ଜଙ୍ଗଲର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ୧୦ ବର୍ଷରୁ ଅଧିକ ସମୟର ଝାଉଁ ଗଛ କାଟି ପୁନର୍ବାର ନୂତନ ଝାଉଁ ବନୀକରଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।କିନ୍ତୁ ସମୁଦ୍ରକୂଳକୁ ଲାଗି ରହିଥିବା ଜଙ୍ଗଲ ଓ ଗଜା ଗଛ କଟାଯାଇ ପାରିବନି ବୋଲି ନିର୍ଦ୍ଦେଶ ଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କାର୍ ଭାଙ୍ଗିବା ଘଟଣାରେ ଯୁବକ ଗିରଫ

ନୟାହାଟ, ୧୧।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ବିଜେଡି ସଭାପତି ଜ୍ୟୋତି ରଞ୍ଜନ ନାୟକଙ୍କ କାର୍ ଭାଙ୍ଗିବା ଘଟଣାରେ ପୁଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ସୋରଭା ପଞ୍ଚାୟତ ପାଇକସାଇ ଗ୍ରାମର ବିଶିଆ ନାୟକ। ପ୍ରକାଶ ଯେ ଗତ ୭ତାରିଖ ବିଳମ୍ବିତ ରାତିରେ ଓଡି୦୨ଏଜେ-୩୦୦୯ କାର୍‌ର ପଛପଟ କାଚ ଭାଙ୍ଗିବା ଘଟଣାରେ ସମ୍ପୃକ୍ତ ଥିବା ବିଶିଆ ନାୟକଙ୍କୁ ନୟାହାଟ ଫାଣ୍ଡିର ଏଏସ୍ଆଇ ସନ୍ତୋଷ ସାହୁ ପାଇକସାଇ ଗ୍ରାମରୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏସଂକ୍ରାନ୍ତରେ ଗୋପ ଥାନାରେ କେସ ନମ୍ବର ୧୮୪/୨୪ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ଜେଲ୍ ହାଜତକୁ ପଠା ଯାଇଛି।

## ଶୀତଳଷଷ୍ଠୀରେ ବିବାହ ବେଦୀରେ ଶିବ-ପାର୍ବତୀ

ସାକ୍ଷୀଗୋପାଳ, ୧୧।୬(ସମିସ); ସତ୍ୟବାଦୀର ପୁରପଲ୍ଲୀରେ ଥିବା ବିଭିନ୍ନ ଶୈବପୀଠ ଗୁଡିକରେ ଶୀତଳଷଷ୍ଠୀ ଉପଲକ୍ଷେ ଉତ୍ସବ ମୁଖରିତ ହୋଇଉଠିଛି। ବିଳମ୍ବିତ ରାତିରେ ଶିବ, ପାର୍ବତୀଙ୍କର ଦେବନୀତି କାନ୍ତି ଅନୁଯାୟୀ ସ୍ରୋତିୟ ବାହ୍ମଣ ମାନଙ୍କ ଦ୍ୱାରା ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବାହା ଶୋଭାଯାତ୍ରାରେ ଶଙ୍ଖ, ମହୁରୀ ଓ ଆତସବାଜି ପ୍ରଦର୍ଶନ ବେଶ ମୁଖ୍ୟ ଆକର୍ଷଣ ସାଜିଥିଲା। ବାଟବରଣ, ମଙ୍ଗଳାର୍ପଣ, ପଥମବରଣ, ଦ୍ୱତୀୟବରଣ, ମୁକୁଟ ଧାରଣ ବନ୍ଦାପନା ପରେ ଦେବ ଦମ୍ପତିଙ୍କ ହାତଗଣ୍ଠି କାର୍ଯ୍ୟ ସମାପନ ପରେ ଭୋଜିଭାତ ଅନୁଷ୍ଠିତ ହୋଇଥିଲା। ସାକ୍ଷୀଗୋପାଳ ମନ୍ଦିର ପରିସରରେ ଥିବା ଐଶନ୍ୟଶ୍ୱର ଦେବ ସାକ୍ଷୀଗୋପିନାଥଙ୍କ ଗୋଧନବାହୁଡା ଧୂପ ପରେ ବରଯାତ୍ରୀଙ୍କ ସଙ୍ଗରେ ଧରି ମନ୍ଦିର ନିଖଟରେ ଥିବା ରାମମନ୍ଦିରକୁ ନିକଟରେ ପହଞ୍ଚିଥିଲେ। ସେଠାରେ କନ୍ୟା ଘର ପକ୍ଷରୁ ବରଯାତ୍ରୀଙ୍କୁ ଆଳିପଣା ଦିଆଯିବା ପରେ ବାହାଘର ନୀତି ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ କିଶୋର ମହାପାତ୍ର ରହିଥିବା ବେଳେ କନ୍ୟପିତା ଭାବେ ରାମ ନନ୍ଦ ରହିଥିଲେ।



ବାହ୍ମଣ ବଂଶୀଧର ପାଢ଼ୀ ବିବାହ କାର୍ଯ୍ୟ ସମାପନ୍ନ କରିଥିବା ବେଳେ ଗୋପିନାଥ ଦାଶ ମନ୍ଦିରୁ ପୁରୋହିତ ସହଯୋଗ କରିଥିଲେ। ସେହିପରି ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ଚନ୍ଦ୍ରଶେଖରଙ୍କ ସହିତ ଗୌରୀ, ରଙ୍ଗଣୀସାହି ଛକସ୍ଥିତ ରତ୍ନେଶ୍ୱର ମନ୍ଦିରରେ ରତ୍ନେଶ୍ୱରଙ୍କ ସହିତ ପାର୍ବତୀ, ମଠସାହି ସ୍ଥିତ ଖଜୁରେଶ୍ୱରଙ୍କ ସହିତ ମା'ପାର୍ବତୀ, ସାଣରା ନିଳକଣ୍ଠେଶ୍ୱର ସହିତ ପାର୍ବତୀ, ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ନଖେଶ୍ୱରଙ୍କ ସହିତ ପାର୍ବତୀ, ଧବେଳେଶ୍ୱରଙ୍କ ସହିତ ପାର୍ବତୀ, ବାସୁକେରାର ବନ୍ତେଶ୍ୱରଙ୍କ ସହିତ ପାର୍ବତୀ, ନୂଆଗାଁରେ ନିଳକଣ୍ଠେଶ୍ୱର ଦେବ ଜୟଦୁର୍ଗାଙ୍କୁ ବିବାହ କରିଥିଲେ। ରାୟଖେଣ୍ଡୀ ଚନ୍ଦ୍ରଶେଖର ଙ୍କ ସହିତ ପାର୍ବତୀ, ବିଦ୍ୟାଧରପୁରର କୁଣ୍ଡେଳେଶ୍ୱରଙ୍କ ସହିତ ପାର୍ବତୀ, ସୁଆଣ୍ଡୋର ଲୋକେଶ୍ୱରଙ୍କ ସହ ପାର୍ବତୀ, ଅଳଗୁମର ଗତେଶ୍ୱର ଦେବଙ୍କ ସହିତ ମା'ପାର୍ବତୀ, ଶୁକଳର ମେଳଣ ପଡ଼ିଆରେ ଥିବା ସିଙ୍ଗେଶ୍ୱର ଦେବଙ୍କ ସହିତ ମା'ପାର୍ବତୀଙ୍କର ବିବାହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଗୋପିନାଥ ଦେବଙ୍କ ମନ୍ଦିରରୁ ଚଣ୍ଡେଶ୍ୱର ଦେବ ବରବେଶରେ ବାହାରିଥିବା ବେଳେ ଗୋପିନାଥ, ଲିଙ୍ଗ ଗୋପିନାଥ, ଜଟେଶ୍ୱର, ବାଲୁଙ୍କେଶ୍ୱର, ନୀଳକଣ୍ଠେଶ୍ୱର ଠାକୁର ୫ ଟି ପୃଥକ ପୃଥକ ବିମାନରେ ବରଯାତ୍ରୀ ଭାବରେ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ବରଯାତ୍ରୀଙ୍କୁ ସ୍ୱାଗତ କରିବା ସହ ବରଙ୍କୁ ବାଟବରଣ କରି ବେଦୀକୁ ଅଣାଯାଇଥିଲା।ଅନୁରୂପ ଭାବରେ ବୀରନରସିଂହପୁର ଶାସନରେ ଦିଅଁବାହା ଉତ୍ସବ ପାଇଁ ବେଶ ଭିଡ ଜମିଥିଲା। ଶୀତଳଷଷ୍ଠୀ ଅବସରରେ ଠାକୁର ବାହା ହୋଇ ବରକନ୍ୟା ବିମାନରେ ବିଜେ କରି ପଟୁଆରରେ ଦୁଆରିଭୋଗ ଖାଇ ନିଜ ମନ୍ଦିରକୁ ବିଜେ କରିଥିଲେ। ସେହିପରି ରାୟଖେଣ୍ଡିରେ ଶୀତଳଷଷ୍ଠୀ ଦିନ ନାଗାନାଚ ଅନୁଷ୍ଠିତ ହୋଇଥିଲା।

### ● ଉପ-ମୁଖ୍ୟମନ୍ତ୍ରୀ ହେବେ ପ୍ରଭାତୀ ପରିଡ଼ା

## ନିମାପଡ଼ାରେ ଖୁସିର ମାହୋଲ



ନିମାପଡ଼ା, ୧୧।୫(ସମିସ) : ନିମାପଡ଼ାରୁ ନବନିର୍ବାଚିତ ବିଧାୟିକା ପ୍ରଭାତୀ ପରିଡ଼ାଙ୍କୁ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ନାମ ଘୋଷଣା କରାଯିବା ପରେ ନିମାପଡ଼ା ଖୁସିର ମାହୋଲ ଦେଖିବାକୁ ମିଳିଛି। ମଙ୍ଗଳବାର ବିଜେପି କାର୍ଯ୍ୟାଳୟରେ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ଭୁପେନ୍ଦ୍ର ଯାଦବ ବିଜେପି ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝି ଓ ଉପ-ମୁଖ୍ୟମନ୍ତ୍ରୀ ଭାବେ ପଟଣାଗଡ଼ ବିଧାୟକ କେ.ଭି ସିଂଦେଓ ଏବଂ ନିମାପଡ଼ାର ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନାମ ଘୋଷଣା କରାଯାଇ ପ୍ରଭାତୀ ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଥିବା ନିମାପଡ଼ାରେ ଉତ୍ସବ ମାହୋଲ ଦେଖାଦେଇଛି।

## ସାକ୍ଷୀଗୋପିନାଥଙ୍କ ଶୀତଳଷଷ୍ଠୀ ପର୍ବ

ସାକ୍ଷୀଗୋପାଳ, ୧୧।୬(ସମିସ); ସାକ୍ଷୀଗୋପିନାଥ ଦେବଙ୍କ ଶୀତଳଷଷ୍ଠୀ ପର୍ବ ପାଳିତ ହୋଇଛି। ଭଅଣ୍ଡଧୂପ ପରେ ଠାକୁରଙ୍କୁ ଚନ୍ଦନବେଶ କରାଯିବା ପରେ ଚନ୍ଦନବେଢା ହୋଇଥିଲା। ସାକ୍ଷୀଗୋପିନାଥ ଦେବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ମା'ଶ୍ରୀ ରାଧାଜିଉ ଶୀତଳଷଷ୍ଠୀ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଶ୍ରୀଜୀଉଙ୍କୁ ସ୍ନାନ କରାଯିବା ପରେ ନୂତନବସ୍ତ୍ର ପରିଧାନ କରାଯାଇଥିଲା। ପରେ ଚନ୍ଦନ, ତୁଳସି, ଫୁଲମାଳ ଲାଗି କରାଯିବା ପରେ ପଣା ଓ ଯାତ କାକେରା ଭୋଗ ହୋଇଥିଲା। ପରେ ଶ୍ରୀଜୀଉ ମନ୍ଦିରକୁ ବିଜେ କରିଥିଲେ ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସି ତ୍ରିପାଠୀଙ୍କ ତତ୍ୱବଧାନରେ ସମସ୍ତ ନୀତିକାନ୍ତି କରାଯାଇଥିଲା।



### ଅବହେଳିତ ଜାଗୁଳିପାଟଣା ଅନନ୍ତପୁରୁଷୋତ୍ତମ ଦେବଙ୍କ ପୀଠ

# ଭଲ ରାସ୍ତା, ଯାତ୍ରୀ ନିବାସ କି ସୁଲଭ ଶୌଚାଳୟ ନାହିଁ

ଖୋର୍ଦ୍ଧା, ୧୧।୬(ସମିସ):

ଖୋର୍ଦ୍ଧା ଜିଲ୍ଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ତନ୍ମଧ୍ୟରୁ ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତମ(ଚତୁର୍ଦ୍ଧା ବିଗ୍ରହଙ୍କ ପୂର୍ଣ୍ଣ ବିଗ୍ରହ)ଙ୍କ ପୀଠ ଅନ୍ୟତମ। ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ୫କିମି ଦୂରରେ ରହିଛି ଜାଗୁଳିପାଟଣା ଗ୍ରାମ। ଏହି ପୀଠରେ ମହାପ୍ରଭୁଙ୍କ ଦର୍ଶନ ଲାଗି ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସନ୍ତି। ମାତ୍ର ଅବହେଳିତ ଅବସ୍ଥାରେ ରହିଛି ଏହି ପୀଠ। ସୌନ୍ଦର୍ଯ୍ୟକରଣ କଥା ନକହିଲେ ଭଲ। ବରଂ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଲାଗି ଶୌଚାଳୟ ମଧ୍ୟ ନାହିଁ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୩ ମସିହାରେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। କେବଳ ପର୍ଯ୍ୟଟନ କ୍ଷେତ୍ର ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଫଳକ ଲଗାଯାଇଛି ସତ ହେଲେ ବିକାଶ ଲାଗି କାଣିଚାଏ ଅର୍ଥ ଏପର୍ଯ୍ୟନ୍ତ ପୀଠକୁ ଆସିନଥିବା ଅଭିଯୋଗ ହେଉଛି। ଜାତୀୟ ରାପଥରୁ ପୀଠ ନିକଟକୁ ପଡ଼ିଥିବା ରାସ୍ତା କଥା ନକହଲେ ଭଲ। ଉକ୍ତ ରାସ୍ତାର ଆରମ୍ଭରୁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ହନୁମାନ, ଶିବ ଓ ଗଣେଷଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଏହାର ପରିସର ଦେଖିଲେ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି।



ସୂଚନାଯୋଗ୍ୟ, ଏହି ପ୍ରସିଦ୍ଧ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ପୀଠରେ ଶ୍ରୀ ସୁଦର୍ଶନଙ୍କ ସହ ତିନି ଠାକୁରଙ୍କ ପୂର୍ଣ୍ଣବିଗ୍ରହ ପୂଜା ପାଉଛନ୍ତି। ଏହି ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ଶ୍ରୀ ଚୈତନ୍ୟ, ଶ୍ରୀ ରଘୁନାଥ, ଶ୍ରୀ ଗଣେଶ, ଶ୍ରୀ ହନୁମାନ, ଶ୍ରୀଭୈରେବଶ୍ୱର, ରଘୁବୀର ଦାସ ମହାରାଜଙ୍କ ସମାଧିପୀଠ ପ୍ରଭୃତି ରହିଛି। ଏହି ମନ୍ଦିରରେ ଏବେ ବି ମହାପ୍ରଭୁ ଚକା ଉପରେ ପୂର୍ଣ୍ଣବିଗ୍ରହଭାବେ ବିଜେ କରିଛନ୍ତି। ଶ୍ରୀ ଅନନ୍ତପୁରୁଷୋତମ ପୂର୍ଣ୍ଣବିଗ୍ରହଙ୍କ ଘୋଷଯାତ୍ରା ଏବଂ ଶ୍ରୀକ୍ଷେତ୍ର ଘୋଷଯାତ୍ରାର ରୀତିନୀତି ମଧ୍ୟରେ ପାର୍ଥକ୍ୟ ନ ଥିବାବେଳେ କେବଳ ରଥ ପ୍ରସ୍ତୁତିରେ ରହିଛି ପାର୍ଥକ୍ୟ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥ ନନ୍ଦିଘୋଷରେ ବିଜେ କରୁଥିବା ବେଳେ ବଡ଼ଭାଇ ବଳଭଦ୍ର ଏବଂ ମା'ଶୁଭଦ୍ରା ଦର୍ପଦଳନ ଓ ତାଳଧ୍ୱଜ ରଥରେ ବିଜେ କରିଆସୁଛନ୍ତି।୧୯୮୦ ମସିହାରୁ ଏଠାରେ ଘୋଷଯାତ୍ରା ଆୟୋଜିତ ହୋଇ ଆସୁଥିବା ଜଣାଯାଇଛି। ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ବିଜେ କରି ଗୁଣ୍ଡିଚା ଯାଆନ୍ତି। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ୧୯୮୨ମସିହାରୁ ଏନଣ୍ଡାଉମେଣ୍ଟରେ ଅଧିନରେ ରହିଛି। ମନ୍ଦିର ପରିଚାଳନା ନେଇ ଟ୍ରଷ୍ଟବୋର୍ଡ ଗଠନ ହୋଇଛି। ଖୋର୍ଦ୍ଧା ଉପଜିଲ୍ଲାପାଳ ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ରହିଛନ୍ତି। ଏହି ପୀଠରେ ଜନ୍ମାଷ୍ଟମୀ, ଶ୍ରୀରାମ ନବମୀ, ଝୁଲଣ ଯାତ୍ରା ବହୁ ଆଡମ୍ବରରେ ପାଳନ ହୋଇଥାଏ। ଏହି ପୀଠକୁ ପର୍ଯ୍ୟଟନ ମାନ୍ୟତା ମିଳିବା ପରେ ପୀଠର ବିକାଶ ହେବ ବୋଲି ସମସ୍ତଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ମାତ୍ର ୨୦୧୩ ମସିହାଠାରୁ ବିକାଶ ଯେମିତି ଏଠାକୁ ଆସିବାକୁ କୁଣ୍ଠାଉଛି ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କ ସମାଗମ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ ପର୍ଯ୍ୟଟକଙ୍କ ନିମନ୍ତେ କୌଣସି ସୁବିଧା ନଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷଭାବ ଦେଖାଦେଉଛି।

ଏନେଇ ଟ୍ରଷ୍ଟି ବୋର୍ଡର ପୂର୍ବତନ ସମ୍ପାଦକ ବୈକୁଣ୍ଠନାଥ ମହାପାତ୍ରଙ୍କ କହିବା କଥା ପର୍ଯ୍ୟଟନ ବିଭାଗ ପକ୍ଷରୁ କେବଳ ଏକ ନାମ ଫଳକ ଦିଆଯାଇଛି। ମାତ୍ର ଏହି ପୀଠର ବିକାଶ ଲାଗି ବିଭାଗ ଯେମିତି ଭୁଲିଯାଇଥିବା ମନେ ହେଉଛି। ପୀଠ ନିକଟକୁ ପଡ଼ିଥିବା ରାସ୍ତାର ମରାମତି ଓ ରାସ୍ତା ପାର୍ଶ୍ୱରେ ବସିଥିବା ୩ମୂର୍ତ୍ତିଙ୍କ ସୁରକ୍ଷା ଲାଗି ଛାତ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏଥିସହିତ ପୀଠର ୧୮ଏକର ଜାଗା ଥିବାବେଳେ ଏଠାରେ ଉଦ୍ୟାନ ଏବଂ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କରାଗଲେ ଅଧିକ ପର୍ଯ୍ୟଟକ ଆସିବେ ବୋଲି ସେ କହିଛନ୍ତି। ସେହିପରି ପୀଠ ପରିସରରେ ଯାତ୍ରୀନିବାସ, ଶୁଲଭ ଶୌଚାଳୟ ନିର୍ମାଣର ଆବଶ୍ୟକତା ରହିଛି। ଏଗୁଡ଼ିକ ହୋଇପାରିଲେ ଏ କ୍ଷେତ୍ରକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିପାରନ୍ତେ ବୋଲି ସେ କହିଛନ୍ତି।

### ● ମକରା ସେତୁ ଉପରେ ପାନୀୟ ଜଳ ପ୍ରକଳ୍ପ ପାଇପ୍

## ସେତୁ ସଙ୍କୁଚିତ: ବଢୁଛି ଦୁର୍ଘଟଣା



କଣାସ, ୧୧।୬(ସମିସ) : ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧିହେତୁ ଯାନ ବାହନବୃଦ୍ଧି ପାଉଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ରାସ୍ତାକୁ ପ୍ରସସ୍ତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛି। କିନ୍ତୁ ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ମକରା ନଦୀ ଉପରେ ଜଗନ୍ନାଥ ସଡକକୁ ସଂଯୋଗୀକରଣ କରିବା ପାଇଁ ନିର୍ମାଣ କରାଯାଇଥିବା ସେତୁ ଉପରେ ପାନୀୟ ଜଳ ଯୋଗାଇଦେବା ପାଇଁ ବଡବଡ ଗୋଲେଇ ପାଇପ ପଡ଼ିଥିବାରୁ ସେତୁ ସଙ୍କୁଚିତ ହେବାରୁ ପ୍ରତ୍ୟେକ ଦିନ ଉକ୍ତ ସେତୁ ଉପରେ ଶହଶହ ଯାନବାହନ ଯାତାୟତ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକର ୨୮ ଟି ପଞ୍ଚାୟତର ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ଚୁପୁରିଙ୍ଗି ନିକଟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ଉକ୍ତ ପ୍ରକଳ୍ପରୁ ବଡବଡ ପାଇପ ଉକ୍ତ ସେତୁ ଉପରେ ବିଛା ଯାଇଛି ଯାହାଦ୍ୱାରାକି ସେତୁ ଉପର ରାସ୍ତା ସଙ୍କୁଚିତ ହେବାରୁ ବାରମ୍ବାର ଯାନବାହନ ଯାତାୟତ ସମୟରେ ଦୁର୍ଘଟଣା ହେଉଛି। ସେତୁ ଉପରେ ବିଛା ଯାଇଥିବା ପାଇପ୍ ସେତୁ ତଳେ ପାଇପ ଯାଇଥିଲେ ଏପରି ଦୁର୍ଘଟଣାମାନ ଘଟୁନଥାନ୍ତା ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ଉକ୍ତ ପାଇପ୍‌କୁ କୌଣସି ଯାନ ଧକ୍କା ଦେଲେ ପାଇପ୍ ନଷ୍ଟ ହେବା ନିଶ୍ଚିତ ଯାହାଦ୍ୱାରାକି ୨୮ ପଞ୍ଚାୟତର ଅଧିବାସୀମାନେ ପାନୀୟଜଳ ପାଇବା ପାଇଁ କ୍ଷତିଗ୍ରସ୍ତ ହେବେ। ଜଗନ୍ନାଥ ସଡକରେ ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ଶହ ଶହ ଦକ୍ଷିଣ ବାରତର ଯାତ୍ରୀମାନେ ଚାରିଚକିଆ ଯାନରେ ଆସୁଥିବାରୁ ଜଗନ୍ନାଥ ସଡକ ଭିଡ ଜମୁଛି। ଉକ୍ତ ପାଇପ୍ ବିଛାଇଥିବା ସଂସ୍ଥା ବାହାର ରାଜ୍ୟର ହୋଇଥିବାରୁ ସେମାନଙ୍କ ସହିତ କୌଣସି ଯୋଗା ଯୋଗ ହୋଇପାରି ନାହିଁ। ସ୍ଥାନୀୟ ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ପାଇପ୍ ଗୁଡିକ ହେଭିହୋଇଥିବାରୁ ତଳେ ଯାଇପାରିବ ନାହିଁ।

୧୧/୬/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୦,୮୧୭/- ସୁନା: ୦୭.୦୫୦ ଗ୍ରାମ୍ ରୁପା: ୨୦.୮୫୦ ଗ୍ରାମ୍



ନାବାଳିକାକୁ ଯୌନ ନିର୍ଯାତନା ମାମଲା

## ଦୋଷୀକୁ ୧୦ ବର୍ଷ ଜେଲ

**ପୁରୀ, ୧୧।୬(ସମିସ):** ପିପିଲି ଥାନା ଅଞ୍ଚଳରେ ଘଟିଥିବା ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ପିପିଲି ଥାନା ପାଣିଦୋଳର ବିଷ୍ଣୁ ବେହେରା (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଚନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ବିଷ୍ଣୁ ଜଣେ ୧୪ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେଇଆସୁଥିଲେ। ପୂର୍ବରୁ ନାବାଳିକାଙ୍କ ସହ ଏକାଧିକଥର ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିଲେ। ୨୦୧୬ ମସିହା ଅଗଷ୍ଟ ୩ ତାରିଖରେ ଏ ନେଇ ପିପିଲି ଥାନାରେ ପରିବାର ଲୋକେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ପିପିଲି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୬୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ସେ ଜେଲ୍ ଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଏହାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ସାକ୍ଷୀଙ୍କ ବୟାନକୁ ଆଧାର କରି ମାନ୍ୟବର ଅଦାଲତ ଏହି ରାୟ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଅଦାଲତଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

## ଶୀତଳ ଷଷ୍ଠୀରେ ଫୁଟିବନି ବାଣ

**ପୁରୀ, ୧୧।୬(ସମିସ):** ଗତ ୨୯ ତାରିଖରେ ପୁରୀରେ ଏକ ଭୟାନକ ବାଣ ବିସ୍ଫୋରଣ ଘଟିଯାଇଥିଲା। ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ଏହି ଛାତିଥରା ଘଟଣାରେ ୧୬ ଜଣଙ୍କ ଜୀବନ ଚାଲିଯାଇଛି। ଏହି ଦୁର୍ଘଟଣାର ଭୟ ଏବେ ବି ପୁରୀବାସୀଙ୍କ ମନରୁ ଯାଇନାହିଁ। ଏଭଳି ସ୍ଥିତିରେ ବୁଧବାର ପାଳିତ ହେବ ଶୀତଳ ଷଷ୍ଠୀ ପର୍ବ। ଶ୍ରୀକ୍ଷେତ୍ରରେ ଗୁଆଲୀ ଭାବେ ଏହାକୁ ବେଶ୍ ଧୂମ୍‌ଧାମରେ ପାଳନ କରାଯାଇଥାଏ। ହେଲେ ଏଥର ଶୀତଳ ଷଷ୍ଠୀରେ କେହି ବଣ ଫୁଟାଇ ପାରିବେ ନାହିଁ। ବାଣ ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ଏହି କଟକଣା ଲଗାଯାଇଥିଲା। ଅନ୍ୟପକ୍ଷରେ ଏ ନେଇ ସବୁ ଥାନାକୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡ଼ିଛି।

ପୁରୀ ଜିଲ୍ଲାକୁ ମିଳିଲା ଉପମୁଖ୍ୟମନ୍ତ୍ରୀ

# ଆଜି ଶପଥ ନେବେ ପ୍ରଭାତୀ ପରିଡ଼ା

**ପୁରୀ, ୧୧।୬(ସମିସ)**

ପୁରୀ ଜିଲ୍ଲାକୁ ମିଳିଛି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦ। ମଙ୍ଗଳବାର ବିଜେପି ବିଧାୟକ ଦଳ ବୈଠକରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଏବଂ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡ଼ା ଏବଂ କେ.ଭି. ସିଂଦେଓଙ୍କ ନାମ ଘୋଷଣା କରାଯାଇଛି। ପୁରୀ ଜିଲ୍ଲାର ପ୍ରଭାତୀ ବୁଧବାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏଥିପାଇଁ ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି।

ନିଆଳୀ ବ୍ଲକ ନିଭରଣ ଗ୍ରାମରେ ୧୯୬୭ ମସିହାରେ ପ୍ରଭାତୀଙ୍କର ଜନ୍ମ। ନୟାହାଟ ଉଚ୍ଚ ବିଦ୍ୟାଳୟରୁ ୧୯୮୨ ମସିହାରେ ମାଟ୍ରିକ ପାସ୍ କରିବା ପରେ ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢ଼ିଥିଲେ ପ୍ରଭାତୀ। ଛାତ୍ର ଜୀବନରୁ ନେତୃତ୍ୱ ନେବାର କଳା ବାରି ତାଙ୍କଠାରେ ବାରି ହୋଇପଡ଼ିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରିବା ପରେ ୧୯୯୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ସମାପ୍ତ କରିଥିଲେ। ସେହିବର୍ଷ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ଭାବେ ନିଜ ନାମ ତାଲିକାଭୁକ୍ତ କରିଥିଲେ। ହେଲେ ସେଥିରେ ମନ ବୁଝି ନ ଥିଲା।୧୯୯୯ରେ ବିଜେପିରେ ଯୋଗଦେଇଥିଲେ। ସେ ବିଜେପି ଦୁର୍ଗା ବାହୀନିର ସଦସ୍ୟା ଥିଲେ। ୨୦୦୨ରେ ନିଆଳି ବ୍ଲକରେ ଜିଲ୍ଲା ପରିଷଦ ସଭ୍ୟା ଭାବେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ଅସଫଳ ହୋଇଥିଲେ। ହେଲେ ମନ ଭାଙ୍ଗି ନ ଥିଲେ। ପୁଣି ପାଠ ପଢ଼ିବାକୁ ମନସ୍ଥ କରିଥିଲେ। ୨୦୦୫ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପବ୍ଲିକ ଆଡମିନ୍‌ଷ୍ଟ୍ରେଶନରେ ଏମ୍‌ଏ ପାସ୍ କରିଥିଲେ ପ୍ରଭାତୀ।

ପ୍ରଭାତୀ ନିମାପଡ଼ା ବ୍ଲକ ତେରୁଣ୍ଡିଆର ଶ୍ୟାମସୁନ୍ଦର ନାୟକଙ୍କୁ ବିବାହ କରିଛନ୍ତି। ବିବାହ ପରେ ତାଙ୍କ ଭିତରେ ଥିବା ନେତୃତ୍ୱକୁ ପ୍ରତିପାଦିତ କରିବାରେ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗ ପାଇଥିଲେ। ଫଳସ୍ୱରୂପ ମେଣ୍ଟ ସରକାର ସମୟରେ ଦୁଇଥର ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା ହୋଇଥିଲେ। ଏହାପରେ ୨୦୦୯ରେ ପ୍ରଥମଥର ପାଇଁ ନିମାପଡ଼ା ବିଧାନସଭା ଆସନରେ ବିଧାୟିକା ଭାବେ ସ୍ୱାଧୀନ ଭାବେ ଲଢ଼ିଥିଲେ ପ୍ରଭାତୀ। ସେ ୬, ୮୨୦ ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ହେଲେ ସେଥିରେ ଭାଙ୍ଗିପଡ଼ି ନ ଥିଲେ। ବରଂ ଲୋକମାନଙ୍କ ସେବା କରିବାକୁ ଶପଥ ନେଇ କାମ ଜାରି ରଖିଥିଲେ। ସୁଖରେ ଦୁଃଖରେ ଲୋକଙ୍କ ପାଖରେ ଛିଡା ହୋଇଥିଲେ। ମହିଳାମାନଙ୍କୁ ଏକତ୍ର କରି ବିଜେପିର ଶକ୍ତି ବୃଦ୍ଧି କରିଥିଲେ। ଯେଉଁଥିପାଇଁ ସେ ପରବର୍ତ୍ତୀ ସମୟରେ



**ବାରମ୍ବାର ଅସଫଳ ପରେ ଭାଙ୍ଗିପଡ଼ି ନ ଥିଲେ**

ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ମଧ୍ୟ ହୋଇଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ବିରୋଧୀଙ୍କୁ ବେଳେ ବେଳେ ଚିନ୍ତାରେ ପକାଉଥିଲା। ଜଣେ ନାରୀନେତ୍ରୀ ଭାବେ ନିମାପଡ଼ା କିମ୍ବା ପୁରୀ ଜିଲ୍ଲାରେ ନୁହେଁ ସମଗ୍ର ଓଡ଼ିଶାରେ ବେଶ୍ ଜଣାଶୁଣା ଥିଲେ ପ୍ରଭାତୀ। ତାଙ୍କର ସ୍ପଷ୍ଟ ଏବଂ ଓଜସ୍ୱିନୀ ଭାଷଣ ତାଙ୍କୁ ମଧ୍ୟ ବେଶ୍ ପରିଚିତ ଦେଇଥିଲା।

୨୦୧୪ ନିର୍ବାଚନରେ ଦଳ ପୁଣିଥରେ ତାଙ୍କୁ ଭରସା କରିଥିଲା। ୫୭, ୩୨୧ ଖଣ୍ଡ ଭୋଟ ପାଇ ସେ ବିଜୁ ଜନତା ଦଳର ପ୍ରାର୍ଥୀ ସମୀର ରଞ୍ଜନ ଦାଶଙ୍କଠାରୁ ପରାସ୍ତ ହୋଇଥିଲେ। ହେଲେ୨୦୦୯ରେ ସ୍ୱାଧୀନ ଭାବେ ଲଢି ୬, ୮୨୦ ଖଣ୍ଡ ଭୋଟ ପାଇଥିବା ପ୍ରଭାତୀ ୨୦୧୪ରେ ୫୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇବା ତାଙ୍କ ଦକ୍ଷତାକୁ ପ୍ରତିପାଦିତ କରିଥିଲା। ଫଳରେ ଦଳ ତାଙ୍କୁ ବିଭିନ୍ନ ପଦପଦବୀରେ ବସାଇଥିଲା। ୨୦୧୯ ନିର୍ବାଚନରେ ପ୍ରଭାତୀ ୫୯, ୧୫୨ ଖଣ୍ଡ ଭୋଟ ପାଇ ବିଜେଡିଠାରୁ ପରାସ୍ତ ହୋଇଥିଲେ ହେଁ ତାଙ୍କର ଲୋକପ୍ରିୟତା ସେମିତି ଅକ୍ଷୁର୍ଣ୍ଣ ରହିଥିଲା। ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗ କରୁଥିବା ପ୍ରଭାତୀଙ୍କ ଭାଗ୍ୟ ୨୦୨୪ ନିର୍ବାଚନରେ ଫିଟିଥିଲା। ଏଥର ବିଜେଡି ସମୀର ରଞ୍ଜନ ଦାଶଙ୍କ ବଦଳରେ ଦିଲ୍ଲୀପ ନାୟକଙ୍କୁ ପ୍ରାର୍ଥୀ କରିଥିଲା। ଦିଲ୍ଲୀପ ମଧ୍ୟ ପ୍ରଭାତୀଙ୍କୁ କଡ଼ା ଟକ୍କର ଦେଇଥିଲେ। ହେଲେ ଶେଷରେ ଦିଲ୍ଲୀପଙ୍କୁ ୪, ୫୮୮ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ ପ୍ରଭାତୀ। ପ୍ରଭାତୀଙ୍କୁ ୯୫, ୪୩୦ ଖଣ୍ଡ ଭୋଟ ମିଳିଥିବା ବେଳେ ଦିଲ୍ଲୀପ ପାଇଥିଲେ ୯୦, ୮୪୨ ଖଣ୍ଡ ଭୋଟ।

କେବଳ ନିର୍ବାଚନରେ ବିଜୟୀ ହୋଇଥିଲେ ତାହା ନୁହେଁ, ଏଥର ଭାଗ୍ୟଦେବୀ ପ୍ରଭାତୀଙ୍କ ଉପରେ ପ୍ରସନ୍ନ ହୋଇଥିଲେ। ଯାହାଫଳରେ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ନେବାକୁ ଯାଉଛନ୍ତି। ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀଙ୍କ ନାମ ଘୋଷଣା ପରେ ପୁରୀ ଜିଲ୍ଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଖେଳିଯାଇଛି।



ପ୍ରଭୁ ବଳଭଦ୍ରଙ୍କ ନିମନ୍ତେ ଚକ, ଅଖ ପ୍ରସ୍ତୁତ

## ବାବା ବାଲି କପିଳେଶ୍ୱରଙ୍କ ବିବାହ

**ପୁରୀ, ୧୧।୬(ସମିସ):** ଆଲୋକ, ଘଣ୍ଟ ଘଣ୍ଟା ସହ ପାରମ୍ପରିକ ବାଦ୍ୟ ମଧ୍ୟରେ ପୁରୀର ପ୍ରସିଦ୍ଧ ବାବା ବାଲି କପିଳେଶ୍ୱର ବରଯାତ୍ରୀଙ୍କ ଗହଣରେ ମା' ସର୍ବମଙ୍ଗଳଙ୍କ ନିକଟକୁ ଯାଇ ଆଜ୍ଞାମାଳ ଆଣିବା ପରେ ଶିବ-ପାର୍ବତୀ ବିବାହ ଆରମ୍ଭ ହୋଇଛି। ଶିବଙ୍କ ପିତା ଭାବେ ରାମଚନ୍ଦ୍ର ରଥ ବିବାହ କାର୍ଯ୍ୟ କରିଥିବା ବେଳେ, ପାର୍ବତୀଙ୍କ ପିତା ଭାବେ ନିରଞ୍ଜନ ପତି କନ୍ୟାଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜେଶ ମହାନ୍ତିଙ୍କ ସମେତ ସାହିବାସିନ୍ଦା, ଗଣେଶ ଗୁରୁଜୀ ଜାଗାର କର୍ମକର୍ତ୍ତା ଓ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।



## ଟାଉନ ହଲ୍‌ରେ ପ୍ରଦର୍ଶିତ ହେବ 'କୁହୁଡ଼ି'



**ପୁରୀ, ୧୧।୬(ସମିସ)**

ପୁରୀରେ କୌଣସି ଫିଲ୍ମ ହଲ୍ ନ ଥିବାବେଳେ କିଛି ଓଡ଼ିଆ ସିନେପ୍ରେମୀ ନିଜସ୍ୱ ପ୍ରତିଷ୍ଠାରେ ପୁରୀରେ ମଝିରେ ମଝିରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରି ଆସୁଛନ୍ତି। ଟାଉନ ହଲ୍‌କୁ ଭଡ଼ାରେ ନେଇ ସେଠାରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଉଛନ୍ତି। ତେବେ ଦର୍ଶକଙ୍କ ଦାବି ତଥା ରଜ ଉପଲକ୍ଷେ ଅନୁଭବ ମହାନ୍ତିଙ୍କ ମାନବ ଅଧିକାର ଉପରେ ଆଧାରିତ ଚଳଚ୍ଚିତ୍ର 'କୁହୁଡ଼ି' ପ୍ରଦର୍ଶିତ ହେବ। ପହିଲି ରଜ ଓ ରଜ ସଂକ୍ରାନ୍ତି ଦୁଇଦିନ ଧରି ଟାଉନ ହଲ୍‌ରେ ସମ୍ପୂର୍ଣ୍ଣ ସିନେମା ହଲ୍ ଅନୁଭୂତି ପରି ୨୪/୧୦ ଏଲଇଡି ସ୍କ୍ରିନ, ସରାଉଣ୍ଡିଙ୍ଗ ସାଉଣ୍ଡ, ମଲ୍ଟିପ୍ଲେକ୍ସ ସୁବିଧା ସହିତ ଚଳଚ୍ଚିତ୍ର ପ୍ରଦର୍ଶୀତ ହେବ। ଏଥିପାଇଁ ଟିକେଟର ମୂଲ୍ୟ ମାତ୍ର ୧୦୦ ଟଙ୍କା ରଖାଯାଇଛି। ଉକ୍ତ ସାଲବେଗ ସ୍ମୃତି ପୀଠରେ ମଙ୍ଗଳବାର ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ପିନାକୀ ଶ୍ରୀଚନ୍ଦନ, ସୌମ୍ୟରଞ୍ଜନ ଶତପଥୀ, ସ୍ୱସ୍ତିକ ମହାନ୍ତି ପ୍ରମୁଖ ଏହି ସୂଚନା ଦେଇଛନ୍ତି।

## ପଞ୍ଚ ମହାଦେବ ପୀଠରେ ଶିବ ବିବାହ

**ପୁରୀ, ୧୧।୬(ସମିସ):** ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମଙ୍ଗଳବାର ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର)ଙ୍କ ବିବାହ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି। ସୋମବାର ପଞ୍ଚମହାଦେବ ନିଜ ନିଜ ଶ୍ୱଶୁରାଳୟରୁ ପାର୍ବତୀଙ୍କୁ ଚୋରି କରି ସ୍ୱ ସ୍ୱ ମନ୍ଦିରକୁ ଫେରିଥିଲେ। ଏହାକୁ କନ୍ୟା ଚୋରି ନୀତି କୁହାଯାଏ। ମଙ୍ଗଳବାର ପଞ୍ଚମହାଦେବଙ୍କ ମନ୍ଦିରର ଦ୍ୱାରଫିଟି ମଙ୍ଗଳ ଆଳତି, ମଇଲମ, ମହାସ୍ନାନ, ଚନ୍ଦନଲାଗି, ବଲ୍ଲଭ ଓ ସକାଳ ଧୂପ ନୀତି ବଢ଼ି ରୋଷଘରେ ବିବାହ ହାଣ୍ଡି ବସିଥିଲା। ଏହାପରେ ମହାଦେବ ଓ ପାର୍ବତୀଙ୍କ ମାଜଣା କରାଯାଇଥିଲା। ଉଭୟେ ବେଶ ହୋଇ ବିବାହ ମଣ୍ଡପକୁ ବିଜେ କରିଥିଲେ। ବିବାହର ପ୍ରଥମ ବରଣ ନିମନ୍ତେ ମହାଦେବ ଓ ମା' ପାର୍ବତୀ ନବବସ୍ତ୍ର ପରିଧାନ କରିଥିଲେ। ପ୍ରଥମ ବରଣ କର୍ମ ସରିବା ପରେ ଉଭୟେ ସ୍ନାନ କରିଥିଲେ। ଏହାପରେ ଦ୍ୱିତୀୟ ବରଣ କର୍ମ ଆରମ୍ଭ ହୋଇଥିଲା। ଏହି କର୍ମରେ ଉଭୟେ ଆଷାଢ ସୂତ୍ର ବାନ୍ଧିଥିଲେ। ଏହାପରେ ଗଇଁଠାଳ ପଡ଼ିଥିଲା। ପ୍ରସାଦ ଲାଗି ପରେ ହାତଗଣ୍ଠି ପଡ଼ି ବିବାହ ହୋମ ହୋଇଥିଲା। ପରେ ଭୋଗ ଓ ପଣା ପଞ୍ଚୋପଚାରରେ ଅର୍ପଣ ହୋଇ ବନ୍ଦାପନା ନୀତି ବଢ଼ିଥିଲା। ଉଭୟ ଦେବ ଦମ୍ପତିଙ୍କୁ ସେବକମାନେ ଜଗମୋହନରେ ଥିବା ବୃଷଭକୁ ଲାଗି କରାଇ ଗର୍ଭଗୃହକୁ ବିଜେ କରାଇଥିଲେ।


ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ: ୧୦.୦୮.୧୯୨୮



ତିରୋଧାନ: ୨୫.୦୫.୨୦୨୩

୰ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
30 Years Celebrating P&A | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED


ମାନସ ଚୌଧୁରୀଙ୍କୁ ନିଲମ୍ବନର ପ୍ରତିବାଦ

# ପିସିସି ସଭାପତିଙ୍କ କୁଶପୁତ୍ତଳିକା ଦାହ

**ପୁରୀ, ୧୧।୬(ସମିସ):** କଂଗ୍ରେସ ଦଳରୁ ମାନସ ଚୌଧୁରୀଙ୍କୁ ନିଲମ୍ବନ ନେଇ ମଙ୍ଗଳବାର ପୁରୀ ବିଧାନସଭା ଅନ୍ତର୍ଗତ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ପିସିସି ସଭାପତି ଓ ରାଜ୍ୟ କଂଗ୍ରେସ ପ୍ରଭାରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିକ୍ଷୋଭକାରୀମାନେ କହିଛନ୍ତି, ମାନସ ଚୌଧୁରୀ ଦଳକୁ ମଜ୍‌ବୁତ କରିଥିବା ଜଣେ ଦକ୍ଷ ସଙ୍ଗଠକ। ହେଲେ ତାଙ୍କୁ କାରଣ ଦର୍ଶାଅ ନୋଟିସ ନ ଦେଇ ପିସିସି ସଭାପତି ଦଳରୁ ୬ବର୍ଷ ପାଇଁ ବହିଷ୍କାର ବହିଷ୍କାର କରିଛନ୍ତି। ମାନସ ଚୌଧୁରୀ ରାତିଦିନ ଏକ କରି ରାଜ୍ୟରେ ଯୁବ ଓ ଛାତ୍ର କଂଗ୍ରେସକୁ ମଜବୁତ କରିଛନ୍ତି। ବିଭିନ୍ନ ସମୟରେ



ଅଭିନବ ଉପାୟରେ ବିରୋଧ ଓ ଆନ୍ଦୋଳନ କରି କଂଗ୍ରେସକୁ ଜନତା ଙ୍କ ଆସ୍ଥା ଭଜନ କରାଇପାରିଛନ୍ତି। ଓଡ଼ିଶାରେ ଭାରତ ଜୋଡ ଯାତ୍ରାକୁ ସଫଳ କରିବା ସହ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଓଡ଼ିଶା ଜୋଡ ଯାତ୍ରାକୁ ସିଏ ସଫଳ ମଧ୍ୟ କରିଥିଲେ। କେବଳ ଏତିକି ନୁହେଁ, ଜାତୀୟ କଂଗ୍ରେସ ସଭାପତି ମଲିକାର୍ଜୁନ ଖଡ଼ଗେଙ୍କ ପ୍ରଚାର ଏବଂ ସାଲେପୁରରେ ରାହୁଲ ଗାନ୍ଧୀଙ୍କ ନିର୍ବାଚନୀ ସଭାକୁ ସଫଳ କରିଥିଲେ ମାନସ ଚୌଧୁରୀ। ତାଙ୍କ ପ୍ରତି ଏଭଳି ଅନ୍ୟାୟକୁ ବିରୋଧ କରି ସେମାନେ ପିସିସି ସଭାପତି ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ବୋଲି କହିଛନ୍ତି।

## ରଣପୁର ଥାନାରେ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

# ଯବାନଙ୍କ ପତ୍ନୀକୁ ଗଳାକାଟି ହତ୍ୟା ଘଟଣା, ଜ୍ୱାଇଁ ଗିରଫ



ନୟାଗଡ଼, ୧୧।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜସୁନାଖଲା ଫାଣ୍ଡି ଅନ୍ତର୍ଗତ କାସନ୍ଦା ପଞ୍ଚାୟତ କୋଟଣିଶୀଳା ଗାଁରେ ମହିଳାଙ୍କୁ ବିଭତ୍ସ ହତ୍ୟା ଘଟଣାରେ ମଙ୍ଗଳବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ରଣପୁର ଥାନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ମୃତ ମହିଳା ନମିତାରାଣୀ ବେହୁରାଙ୍କୁ ତାଙ୍କ ସାନ ଜ୍ୱାଇଁ ଶରତ ସ୍ୱାଇଁ

### ■ ୩୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିବ ପୁଲିସ

ହତ୍ୟା କରିଥିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଜବତ କରାଯାଇଛି। ମହିଳା ଜଣଙ୍କ ସିଆରପିଏଫ୍ ଯବାନ୍ ଶରତ ବେହୁରାଙ୍କ ପତ୍ନୀ ନମିତା ରାଣୀ ବେହେରା(୫୨)। ମହିଳାଙ୍କ ମୃତଦେହ ତାଙ୍କ ଘର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ସିଆରପିଏଫ୍ ଯବାନ ଶରତ ବେହୁରା ଏବଂ ନମିତାରାଣୀଙ୍କ ୨ଟି ଝିଅ ଓ ଗୋଟିଏ ପୁଅ। ବଡ ଝିଅ ପାଟବନ୍ଧ ଗାଁରେ ବିବାହ କରିଥିବା ବେଳେ ସାନଝିଅ ଲିଜି ସ୍ୱାଇଁ ନମିତାଙ୍କ ଘର ସାମ୍ନା ଶରତ ସ୍ୱାଇଁଙ୍କୁ ବିବାହ କରିଥିଲେ। ପୁଅ କୌଣସି କାରଣରୁ ବାହାରେ ରହୁଥିବାରୁ ନମିତା ଘରେ ଏକାକୀ ରହୁଥିଲେ। ତାଙ୍କୁ ହତ୍ୟା କରାଯିବା ଜଣାପଡ଼ିବା ପରେ ତାଙ୍କ ପୁଅ ଶାଶ୍ୱତ ବାହାରୁ ଆସି ପହଞ୍ଚିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଦୁଇଟି ପୁଲିସ ଟିମ୍ ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ଘଟଣାର ଖୋଳତାଡ କରିଥିଲା। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡର ଚାର୍ଜସିଟ୍ ୩୦ ଦିନ ମଧ୍ୟରେ କୋର୍ଟକୁ ପଠାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଏସଡିପିଓ ସୁଧାକର ସାହୁ, ଡିଏସ୍‌ପି ହେମନ୍ତ ରାଓ, ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ପ୍ରମୂଖ ଉପସ୍ଥିତ ରହିଥିଲେ। ପ୍ରକାଶ ଯୋଗ୍ୟ, ନମିତାଙ୍କ ଘରକୁ ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକାଗୋଡା ଗ୍ରାମର ଜଣେ ମୁସଲିମ୍ ଯୁବକ ନିୟମିତ ଯାଆସ କରୁଥିଲେ।ଉକ୍ତ ଯୁବକଙ୍କ ସହ ଘର ସାମ୍ନାରେ ବାହା ହୋଇଥିବା ସାନଝିଅଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସାନଝିଅ ଲିଜି ସାବିତ୍ରୀ ପର ଦିନ ଶରତଙ୍କୁ ଛାଡି ମାଣିକାଗୋଡା ଗ୍ରାମର ଯୁବକଙ୍କ ସହ ପଳାଇ ଯାଇଥିବା ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡ଼ିଛି। ଏହି ଘଟଣା ପଛରେ ଶାଶୁ ନମିତାଙ୍କ ହାତଥିବା ସନ୍ଦେହ କରି ଶରତ ହତ୍ୟାକାଣ୍ଡ ଘିଆଇଥିବା ଆଲୋଚନା ହେଉଛି।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ନୟାଗଡ଼, ୧୧।୬(ସମିସ): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଗୋଡିମଡା ଗ୍ରାମର ଭଗବାନ ନାୟକଙ୍କ ପୁଅ ରବୀନ୍ଦ୍ର ନାୟକ ଉକ୍ତ ଗ୍ରାମରେ ହାତଗୋଡ ଭଙ୍ଗା ପାଇଁ ଦେଶି ଚିକିତ୍ସା କରୁଥିବା ଜୈନିକ ବ୍ୟକ୍ତିଙ୍କ ଘରକୁ ଚିକିତ୍ସା ବାହାନାରେ ଯାଇଥିଲେ। ତାଙ୍କ ଘରେ ଥିବା ନାବାଳିକା ଝିଅକୁ ଦୁଷ୍କର୍ମ କରିଥିଲେ। ଏହି ଘଟଣାକୁ ନେଇ ଝିଅର ମାଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ରଣପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଉକ୍ତ ଘଟଣାର ତଦାରଖ କରିଥିଲେ। ଏଥିନିମନ୍ତେ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ହେମନ୍ତ ରାଓ ଉକ୍ତ ଘଟଣାର ତଦନ୍ତ କରିଥିଲେ। ପୁଲିସର ତର୍ଜମା ଓ ଡାକ୍ତରୀମାଇନା ରିପୋର୍ଟକୁ ଆଧାର କରି ପୁଲିସ ରବୀନ୍ଦ୍ର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ମଙ୍ଗଳବାର ଏସ୍‌ପି ରଣପୁର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ୭୧କେଜି ଗଞ୍ଜେଇ ଜବତ, ମାଫିଆ ଫେରାର୍

ଶରଣକୁଳ, ୧୧।୬ (ସମିସ): କନ୍ଧମାଳ ଜିଲ୍ଲାରୁ ଏକ କାର୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ସୋମବାର ସନ୍ଧ୍ୟାରେ ଶରଣକୁଳ ପୁଲିସ ଥାନା ଆଗରେ ଛକି ବସିଥିଲା। କୌଣସି ସୂତ୍ରରୁ ଖବରପାଇ କାର୍ ଥାନା ରାସ୍ତା ନ ଦେଇ ଅନ୍ୟ ଏକ ରାସ୍ତା ଦେଇ ଖସି ଯାଉଥିବା ସମୟରେ ପୁଲିସ ଭିକାରିପଡ଼ା ନିକଟସ୍ଥ ଲଡୁବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପଡ଼ିଆରୁ ଗାଡ଼ିକୁ ଠାବ କରିଥିଲା। ମାଫିଆମାନେ ଗଞ୍ଜେଇ ଭର୍ତ୍ତି ଗାଡି ଛାଡି ଫେରାର ହୋଇଯାଇଥିଲେ। ଗାଡିନଂ ଓଡି୦୨ସିଡି-୨୪୫୦କୁ ଯାଞ୍ଚ କରିବା ସମୟରେ ଗାଡି ଭିତରୁ ୩ ବସ୍ତା ଗଞ୍ଜେଇ ଥିବା ପୁଲିସ ଜାଣିବାକୁ ପାଇଥିଲେ। ୩ବସ୍ତାରେ ୭୧ କେଜି ଗଞ୍ଜେଇ ଥିବା ପୁଲିସ ଓଜନ କରି ଜାଣିବାକୁ ପାଇଛି। ଏହି ଚୋରା ଚାଲାଣରେ ବ୍ୟବହୃତ ହୋଇଥିବା ଗାଡି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ଜିତୁ ମୁଖି ବୋଲି ପୁଲିସ ଜାଣିବାକୁ ପାଇଛି। ଏ ନେଇ ପୁଲିସ ୧୧୭/୨୦୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚଢଉରେ ଶରଣକୁଳ ଥାନା ଅଧିକାରୀ ପୁଷ୍ପଲତା ବେହେରା, ଏଏସଆଇ ସନ୍ତୋଷ କୁମାର ଦାଶ ଏବଂ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

## ୧୫ ଲକ୍ଷ ଟଙ୍କାର ସାଇବର ଠକେଇ

### ସଠିକ ସମୟରେ ସୂଚନାରୁ ରକ୍ଷାକଲା ପୁଲିସ



ନୟାଗଡ଼, ୧୧।୬(ସମିସ): ନୟାଗଡ଼ ଟାଉନ ଥାନା ପୁଲିସ ୧୫ ଲକ୍ଷ ଟଙ୍କା ସାଇବର ଠକେଇରୁ ରକ୍ଷା କରିଛି। ନୟାଗଡ଼ ସହରର ସଫ୍ଟୱେୟାର ପ୍ରଫେସନାଲ ସାଇବର ଠକେଇରୁ ମୁକ୍ତି ପାଇଛନ୍ତି। ଯାହାକୁ ନେଇ ସବୁଆଡେ ଚର୍ଚ୍ଚା ଜାରି ରହିଛି। ନୟାଗଡ଼ ସହରର ଛାୟାପଥ ଲେନରେ ରହୁଥିବା ସଫ୍ଟୱେୟାର ପ୍ରଫେସନାଲ ଅଶୋକ ଆଚାର୍ଯ୍ୟ ସାଇବର ଠକେଇର ଶିକାର ହୋଇଥିଲେ। ନୟାଗଡ଼ ପୁଲିସର ତୁରନ୍ତ ପଦକ୍ଷେପ ପାଇଁ ଟଙ୍କା ଫେରାଇବାରେ ରାସ୍ତା ବାହାରିଛି। ସଫ୍ଟୱେୟାର ପ୍ରଫେସନାଲ ଅଶୋକ ଆଚାର୍ଯ୍ୟପ୍ରାୟ ୧୫ ଲକ୍ଷ ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଜଣେ ସାଇବର ଠକ ତାଙ୍କୁ ମୁମ୍ବାଇର କଷ୍ଟମ ଅଫିସର ବୋଲି କହି ତାଙ୍କୁ ମିଥ୍ୟା ମାମଲାରେ ଗିରଫ କରିବାକୁ ଧମକ ଦେଇଥିଲେ। ତାଙ୍କୁ ବ୍ୟାଙ୍କ ବିବରଣୀ ପ୍ରଦାନ କରିବାକୁ ଓ ଯାଞ୍ଚ ପାଇଁ ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଭୟଭୀତ ହୋଇ, ସେ ପ୍ରକୃତ କଷ୍ଟମ କର୍ତ୍ତୃପକ୍ଷ ବୋଲି ଭାବି ପ୍ରାୟ ୧୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଟଙ୍କା ଟ୍ରାନ୍ସଫର କରିବା ପରେ ସାଇବର ଠକମାନେ ଉତ୍ତର ଦେବା ବନ୍ଦ କରି ମୋବାଇଲ୍ ଫୋନ୍ ବନ୍ଦ କରି ଦେଇଥିଲେ। ସେ ଅନୁଭବ କଲେ ଯେ, ସେ ସାଇବର ଠକେଇର ଶିକାର ହୋଇଛନ୍ତି। ଶ୍ରୀ ଆଚାର୍ଯ୍ୟ ତୁରନ୍ତ ନୟାଗଡ଼ ଟାଉନ୍ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କଲେ। ନୟାଗଡ଼ ପୁଲିସର ତୁରନ୍ତ ପଦକ୍ଷେପ ହେତୁ ତାଙ୍କ ଟଙ୍କା ସଫଳତାର ସହ ସ୍ଥାନାନ୍ତର ହୋଇପାରିବ ବୋଲି ସୂଚନା ମିଳିଛି। ଖୁବଶୀଘ୍ର ତାଙ୍କ ଆକାଉଣ୍ଟକୁ ଫେରସ୍ତ କରାଯିବ ବୋଲି ଜଣାପଡ଼ିଛି। ଏନେଇ ପୁଲିସ ପକ୍ଷରୁ ପକ୍ଷରୁ ସମସ୍ତ ନାଗରିକଙ୍କୁ ସଚେତନ ରହିବା ପାଇଁ ନିବେଦନ କରିଛନ୍ତି।

### ● ବ୍ଲକର ବୃହତ୍ତମ ପାଟ ପାଲଟିଛି ଚାରଣଭୂମି

## ବଢୁଛି ଜବରଦଖଲ, ନାହିଁ ସୁରକ୍ଷା



ଭାପୁର, ୧୧।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମ ନିକଟରେ ରହିଛି ୧୩୫ ଏକର ପରିବ୍ୟାପ୍ତ ବ୍ଲକର ବୃହତ୍ତମ ଜଳ ପାଟ। ଯାହାକୁ ଲୋକମାନେ କାଚେରାପାଟ ବୋଲି କୁହନ୍ତି। ମାତ୍ର, ଏଠାରେ ଏବେ ଟୋପାଟେ ଜଳ ନଥିବାରୁ ଏହା ଏବେ ଚାରଣଭୂମୀ ପାଲଟିଛି। ସ୍ଥାନୀୟ ଜନସାଧାରଣଙ୍କ ଜବରଦଖଲକୁ ରୋକାନଗଲେ ଓ ପ୍ରଶାସନ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ନଦେଲେ ଏହା ଇତିହାସ ପୃଷ୍ଠାରେ ନାମକୁ ମାତ୍ର ହୋଇ ରହିଯିବ। ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମ ନିକଟରେ ରହିଛି କାଚେରା ପାଟ। କାଳିଗିରି ନଦୀର ବନ୍ୟା ଜଳ ଏହି ପାଟରେ ବର୍ଷ ସାରା ରହିଥାଏ। ମାତ୍ର, ଏହା ଦିନକୁ ଦିନ ପୋତି ହୋଇ ଯାଉଥିବାରୁ ଏବେ ଏଠାରେ ଟୋପାଟେ ପାଣି ନାହିଁ। ମଣିପୁର ଗ୍ରାମର ପାଞ୍ଚ ଶହ କୈବର୍ତ୍ତ ପରିବାର ଏହି ପାଟରୁ ଖରାଦିନେ ମାଛ ମାରି ପେଟ ପୋଶିଥାନ୍ତି। ବର୍ଷ ସାରା ଏଠାରେ ବିଭିନ୍ନ ବିଦେଶୀ ପକ୍ଷୀ ସହ ଅନେକ ପ୍ରଜାତିର ବିରଳ ପକ୍ଷୀ ଓ ଜୀବଜନ୍ତୁ ଦେଖାଯାଆନ୍ତି। ସ୍ଥାନୀୟ ଲୋକମାନେ ପାଟର ନିକଟରେ ଥିବା ହଜାର ହଜାର ଏକର ଜମିକୁ ଏହି ପାଟରୁ ପାଣି ବୁହାଇ ଖରାଦିନେ ପିଆଜ ଓ ଅନ୍ୟ ଫସଲ କରିଥାଏ। ଏହାର ସୁରକ୍ଷା ପାଇଁ ଟଙ୍କାଟିଏ ଅନୁଦାନ ଆସୁନଥିବାରୁ ଏହା ଆସ୍ତେ ଆସ୍ତେ ପୋତି ହୋଇ ଅମରୀ ଓ ଦଳ ଭର୍ତ୍ତି ଜଳାଶୟରେ ପରିଣତ ହୋଇଛି। ଏହାକୁ ଖୋଳାଯାଇ ଏହାର ପୁନୋରୁଦ୍ଧାର କରାଯାଇ ଏହାକୁ ଅଂଶୁପା ହ୍ରଦ ଭଳି ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯାଇ ପାରନ୍ତା। ୪୮ ନମ୍ବର ରାଜ୍ୟ ରାଜପଥ କଡରେ ଥିବା ଏହି ବୃହତ୍ତମ ପାଟଟି ବର୍ଷା ଦିନେ ଏକ ହ୍ରଦର ଭ୍ରମ ସୃଷ୍ଟି କରିଥାଏ। ଏହାକୁ ଖୋଳାଯାଇ ଫତେଗଡ଼ ଓ ମଣିପୁର ଗ୍ରାମର ଏକ ହଜାର ଏକର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେଇ ହୁଅନ୍ତା। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସୁରକ୍ଷାକୁ ଅଗ୍ରାଧିକାର ଦେଇ ଖନନ କରି ଏହାର ଜଳରାଶିରେ ପର୍ଯ୍ୟଟନ ସମ୍ଭାବନା ସୃଷ୍ଟି କରିବା ସହ ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

### ● ଖଣ୍ଡପଡ଼ା ଏନ୍‌ଏସିରେ ନିମ୍ନମାନର କାର୍ଯ୍ୟ

## ଜିଲ୍ଲାପାଳଙ୍କୁ ଫେରାଦ ହେଲା କଂଗ୍ରେସ

ଖଣ୍ଡପଡ଼ା, ୧୧।୬(ସମିସ): ଖଣ୍ଡପଡ଼ା ଏନ୍‌ଏସି ଅଧୀନ ୧୩ଟି ୱାର୍ଡରେ ଏକାଧିକ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଯନ୍ତ୍ରୀ ଉପସ୍ଥିତ ରହୁନଥିବା ଏବଂ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ନୟାଗଡ଼ ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କୁ ଫେରାଦ ହୋଇଥିବା ସୂଚନା ମିଳିଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ତରଫରୁ ଟେଣ୍ଡର ପ୍ରକ୍ରିୟାରେ ତଥା ଏସ୍‌ଏଚ୍‌ଜି ଓ ଏସ୍‌ଡିଏ ଗ୍ରୁପ ଚୟନ ପ୍ରକ୍ରିୟା ଦ୍ୱାରା କୋଟିକୋଟି ଟଙ୍କାର ଉନ୍ନତୀମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମାତ୍ର ଯେଉଁ ସବୁ ପ୍ରକଳ୍ପ ଚାଲିଛି ତାହା ବିନା ସୂଚନା ଫଳକରେ ଚାଲିଥିବା ଅଭିଯୋଗ କରିଛି ନଗର କଂଗ୍ରେସ। ଏସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କୁ ଅଭିଯୋଗ କଲେ ମଧ ଯନ୍ତ୍ରୀ ଓ ଠିକାଦାର ଉଭୟଙ୍କୁ ଅନୁକମ୍ପା ଦେଖାଉଥିବା ନେଇ ଶ୍ରୀସାହୁ ଅଭିଯୋଗ କରିଛନ୍ତି। ଏଭଳି ବେଆଇନ କାର୍ଯ୍ୟଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଶ୍ରୀସାହୁ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ସାହୁ କହିଛନ୍ତି।

## ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟିତ




ଓଡ଼ଗାଁ, ୧୧।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସ୍ଥାନୀୟ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ) ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁଧାଂଶୁ ବେହେରା ଯୋଗ ଦେଇ ଯୁବ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଲିଗ୍ ମ୍ୟାଚ୍‌ରେ ଭାଗନେଇଥିବା ଓଡ଼ଗାଁର ୨୩ ଗୋଟି ଦଳର ଦଳପତି ଏବଂ ଖେଳାଳିମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସ ପ୍ରଥମ ମ୍ୟାଚରେ ସ୍ମାଇଲ ଇଲେଭେନ୍ ଏବଂ ଇଲେଭେନ୍ ପାନ୍ଥର ମଧ୍ୟରେ ଖେଳ ହୋଇଥିଲା। ସ୍ମାଇଲ ଇଲେଭେନ୍ ଟସଜିତି ୧୦ ଓଭରରେ ୧୦୩ ରନ କରିଥିବା ବେଳେ ଜବାବରେ ଇଲେଭେନ ପାନ୍ଥର ଦଳ ୧୦ ଓଭରରେ ମାତ୍ର ୭୫ ରନ କରି ୨୯ ଧନରେ ପରାଜୟ ସ୍ୱୀକାର କରିଥିଲେ। ସେହିପରି ଆଜିର ୨ୟ ମ୍ୟାଚ ରୟାଲ କିଙ୍ଗ ଓ ଗ୍ରୀନ୍ ହଣ୍ଟର ମଧ୍ୟରେ ଖେଳାଯାଇଥିଲା। ଗ୍ରୀନ ହଣ୍ଟର ଟସଜିତି ବୋଲିଂ କରିଥିବା ବେଳେ ରୟାଲ କିଙ୍ଗ ୧୦ ଓଭରରେ ୮ ୭ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଜବାବରେ ଗ୍ରୀନ ହଣ୍ଟର ୭ ଓଭରରେ ମାତ୍ର ୪୫ ରନ୍ ସଂଗ୍ରହ କରି ସମସ୍ତ ୱୁଇକେଟ ହରାଇଥିଲେ। ଫଳରେ ରୟାଲ କିଙ୍ଗ ୪୨ ରନରେ ବିଜୟ ହାସଲ କରିଥିଲେ। ଚଳିତବର୍ଷ ୨୩ଟି ଦଳ ୨୨ଟି ମ୍ୟାଚ୍ ଖେଳିବାକୁ ସ୍ଥିର ହୋଇଛି। ଆଜିର ମ୍ୟାଚକୁ ମିଥୁନ, ସୌରଭ, ଉମାକାନ୍ତ, ରାମେଶ୍ୱର, ଶିବାନୀ, ଶୁଭ, ଦିଗବିଜୟୀ, ଦେବାଶିଷ, ବାଦଲ ପ୍ରମୁଖ ପରିଚାଳନା କରିଥିଲେ। ଆଜିର ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଖେଳକୁ ସରସ ସୁନ୍ଦର କରିବା ପାଇଁ ଓଡ଼ଗାଁ ବିଜେ ଶ୍ରୀ ରଘୁନାଥଜୀଉଙ୍କୁ ଆଶିର୍ବାଦ ଭିକ୍ଷା କରିବା ସହିତ ମନ୍ଦିର ଠାରୁ ଆସୋସିଏସନ୍ ସଦସ୍ୟ ଓ ୨୫୦ରୁ ଉର୍ଦ୍ଧ୍ୱ ଖେଳାଳିମାନେମଶାଲ ଶୋଭାଯାତ୍ରାରେ ବାହାରି ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ। ସେଠାରେ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ ଖେଳାଳିଙ୍କ ଠାରୁ ମଶାଲ ଗ୍ରହଣ କରି ପଡ଼ିଆରେ ସ୍ଥାପନ କରିଥିଲେ।

## ସୁନ୍ଦରକାଣ୍ଡ ପାଠ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ



ଓଡ଼ଗାଁ, ୧୧।୬(ସମିସ) : ଓଡ଼ଗାଁ ଏନ୍‌ଏସିର ଦଲକ ଠାରେ ମା' ଗୟଲ ସିଂହ ମନ୍ଦିର ପରିସରରେ ପଞ୍ଚ ଦିବସୀୟ ଶ୍ରୀହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ, ପ୍ରବଚନ ଜ୍ଞାନଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି।ବ୍ୟାସ ଭାବେ ପୁରୀରୁ ଆସିଥିବା ସନ୍ଥ ଶ୍ରୀ ଶିବରାମ ଦାସ ମହାରାଜ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସନ୍ଥ ଶ୍ରୀ ପୁରୁଷୋତ୍ତମ ଦାସ ମହାରାଜ ଜଗତ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀରାମ ଓ ଭକ୍ତ ହନୁମାନଙ୍କ ପ୍ରାକଟ୍ୟ ଲୀଳା ସମ୍ପର୍କରେ ପ୍ରବଚନ ରଖିଥିଲେ। ପଣ୍ଡିତ ଶ୍ରୀ ଫକିର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ମାଧ୍ୟମରେ ଜ୍ଞାନ ବିତରଣ କରାଯାଇଥିଲା। ମା'ଗୟଲସିଂ ମନ୍ଦିର କମିଟି ସମ୍ପାଦକ ପ୍ରମୋଦ କୁମାର ପାତ୍ର ଓ ସଭ୍ୟ ମାନଙ୍କ ସହିତ ଦଲକ ଗ୍ରାମବାସୀବୃନ୍ଦଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

## ୮ ଶୈବ ପୀଠରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ଗଣିଆ, ୧୧।୬(ସମିସ): ପବିତ୍ର ଶିବବିବାହ ଅବସରରେ ସୋମବାର ଗଣିଆ ବ୍ଲକର ୭ଟି ପ୍ରମୁଖ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ ମହାଆଡମ୍ବର ସହକାରେ ସମ୍ପନ୍ନ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ପ୍ରଭୁ ଗୁପ୍ତେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମାତା ପାର୍ବତୀଙ୍କ ପିତା ଭାବେ ସୌଭାଗ୍ୟ ଲାଭ କରିଥିବା ଇଶ୍ୱରପୁର ଗ୍ରାମର ବିପିନ ବିହାରୀ ନାୟକ ଗତ ରବିବାର ରୀତିନୀତି ଅନୁଯାୟୀ ମଙ୍ଗଳକୃତ୍ୟ ଓ ବରଧରା



କାର୍ଯ୍ୟ କରିଥିଲେ। ସୋମବାର ଅପରାହ୍ନରେ ବରପିତା ରାସଙ୍ଗ ଗ୍ରାମର ଜମ୍ବେଶ୍ୱର ବାରିକି ବରଯାତ୍ରୀ ସହ ପ୍ରଭୁ ଗୁପ୍ତେଶ୍ୱରଙ୍କୁ ବରବେଶରେ ସଜେଇ ମନ୍ଦିରଠାରୁ ବାଜା, ବାଣ ଓ ପଟୁଆର ସହ ମନ୍ଦିର ପାଦଦେଶ ବିବାହ ମଣ୍ଡପରେ ପହଞ୍ଚିଥିଲେ। କନ୍ୟାପିତା ପ୍ରଭୁ ଗୁପ୍ତେଶ୍ୱରଙ୍କୁ ବାଟ ବରଣି କରି ଦୋଳ ବେଦି ଠାରେ ପ୍ରସ୍ତୁତ ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ମନ୍ଦିର ପରିଚାଳନା କମିଟି ଓ ବଡୁ ପଣ୍ଡ୍ୱଳ ସମାଜ ତରଫରୁ ବରଯାତ୍ରୀ ଓ ନିମନ୍ତ୍ରୀତ ଅତିଥିମାନଙ୍କୁ ସୁସ୍ୱାଦୁ ପାନୀୟରେ ଆପ୍ୟାୟିତ କରାଯାଇଥିଲା। ଅପରପକ୍ଷେ କୁଳ ପୁରୋହିତଙ୍କ ମନ୍ତ୍ରଧ୍ୱନୀ ସହ ହରିବୋଲ, ହୁଳହୁଳି, ଘଣ୍ଟ ଓ ସଙ୍କୀର୍ତ୍ତନ ଧ୍ୱନୀରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇ ଅପରାହ୍ନ ୫ଟାରେ ଶେଷ ହୋଇଥିଲା। ଏହି ଉତ୍ସବ ନିମନ୍ତେ ମନ୍ଦିରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ସୋମବାର ରାତ୍ରିରେ ଅଞ୍ଚଳର ପ୍ରମୁଖ ଶୈବପୀଠ ରାଉତପଡ଼ା ଭୋଳେଶ୍ୱର ଦେବଙ୍କ ପୀଠରେ ବରପିତା ସୁକାନ୍ତ ଗଣ୍ଡିଆ ଓ କନ୍ୟାପିତା ସୁରେଶ ଚନ୍ଦ୍ର ସାହୁ, ଜଗନ୍ନାଥପ୍ରସାଦ ବାଲୁଙ୍କେଶ୍ୱର ପୀଠରେ ବରପିତା ନାରାୟଣ ଜେନା ଓ କନ୍ୟାପିତା ବିଶ୍ୱରଞ୍ଜନ ଜେନା, ଗଣିଆ ଲିଙ୍ଗରାଜ ପୀଠରେ ବରପିତା ପ୍ରାଣକୃଷ୍ଣ ସାହୁ ଓ କନ୍ୟାପିତା ଦିନବନ୍ଧୁ ବେହେରା, ପତଣ୍ଡା ଭୋଳାନାଥ ପୀଠରେ ସୌଭାଗ୍ୟ ଲାଭ କରି ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏଥିନିମିତ ଅଞ୍ଚଳର ପ୍ରତ୍ୟେକ ଶୈବପୀଠ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ସହ ବହୁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଡଙ୍କାରିସାହି ଗଣପତିଶ୍ୱର ପୀଠ, ଇନ୍ଦିପଙ୍ଗା ବିଶ୍ୱନାଥ ଦେବ ପୀଠରେ ଶିବ ବିବାହ ଉତ୍ସବ ଧୁମ୍ଧାମ୍ରେ ପାଳିତ ହେଉଅଛି। ଅନ୍ୟପରି ମଙ୍ଗଳବାର ରାତ୍ରିରେ ବଡମୂଳ କପିଳେଶ୍ୱର ପୀଠରେ ଦେବ ଦମ୍ପତିଙ୍କ ବିବାହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ ପ୍ରସ୍ତୁତି

ନୟାଗଡ଼, ୧୧।୬(ସମିସ): ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ତଥା ଟେବୁଲ ଟପ୍ ଅଭ୍ୟାସ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତାପତୀ ରାଜ୍, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଶୋକ ରଥ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ନୌସଦ୍ ଅଲ୍ଲୀ ଖାଁ ଏବଂ ସମ୍ମୁଖରେ ଉପସ୍ଥିତ ଥିବା ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଲାଇନ ବିଭାଗ ବୈଠକରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଟେବୁଲ ଟପ୍ ବୈଠକ ଉପରେ ସୂଚନା ପ୍ରଦାନ କରି କହିଲେ ଯେ, ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗ ମଧ୍ୟରେ ଆନ୍ତର୍ବିଭାଗୀୟ ସମନ୍ୱୟ ରକ୍ଷା କରି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ। ଆମ ଜିଲ୍ଲାରେ ଆପଦ ମିତ୍ର, ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ସଭ୍ୟ, ପିଆରଆଇ ମେମ୍ବର, ମିଶନ ଶକ୍ତିର ସଭ୍ୟାଙ୍କୁ ନେଇ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି। ଏମାନଙ୍କ ବ୍ୟତୀତ ବିଦ୍ୟାଳୟର ଶିକ୍ଷକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ଅଧିକାରୀ, ଆଶାକର୍ମୀଙ୍କୁ ବିପର୍ଯ୍ୟୟ ସମୟରେ ଉପସ୍ଥିତ ରହି ସହଯୋଗ କରିବା ପାଇଁ ବିଭାଗୀୟ ଜିଲ୍ଲା ପଦାଧିକାରୀମାନେ ନିର୍ଦ୍ଦେଶ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୭ ତାରିଖରେ ଆମ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏଥି ସହିତ ୧୮ ତାରିଖରେ ଜିଲ୍ଲାସ୍ତରରେ ଦିବା ୧୧ଘଟିକା ଠାରୁ ଅପରାହ୍ନ ୧ଘଟିକା



ମଧ୍ୟରେ ଏବଂ ବ୍ଲକସ୍ତରରେ ଅପରାହ୍ନ ୩ ଘଟିକା ଠାରୁ ୫ଘଟିକା ମଧ୍ୟରେ ଟେବୁଲ ଟପ୍ ପ୍ରୟୋଗାତ୍ମକ ଅଭ୍ୟାସ କରାଯିବ। ୧୯ ତାରିଖ ଆମ ଜିଲ୍ଲାରେ ଥିବା ୧୭ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀରେ ଉଦ୍ଧାର କାର୍ଯ୍ୟର ମକ୍ଡ୍ରିଲ ଅଗ୍ନିଶମ ବିଭାଗ ଦ୍ୱାରା କରାଯିବା ପାଇଁ ସ୍ଥିର କରାଗଲା। ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରେ ବିଭିନ୍ନ ବିଭାଗ ଦ୍ୱାରା କିପରି ଉଦ୍ଧାର କାର୍ଯ୍ୟ କରିବେ ସେ ସମ୍ପର୍କରେ ପିପିଟି ମାଧ୍ୟମରେ ସୂଚନା ଦେବା ପାଇଁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ସମାଦ୍ଦାର ବିପର୍ଯ୍ୟୟରେ ସମସ୍ତଙ୍କର ମିଳିତ ସହଯୋଗ ରହିଲେ ଆମେ ଏହାର ମୁକାବିଲାରେ ସଫଳ ହେବା ବୋଲି ପ୍ରକାଶ କରିଥିଲେ। ସେ କହିଥିଲେ, ବିପର୍ଯ୍ୟୟର ସୂଚନା ପାଇଲା ପରେ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କର ଏକ ତାଲିକା ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରସ୍ତୁତ କରି ବାତ୍ୟା ଆଶ୍ରୟ ସ୍ଥଳିକୁ ସ୍ଥାନାନ୍ତର କରାଇବେ। ଏହା ପରେ ଜଳସେଚନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ଚିକିତ୍ସା, ଅଗ୍ନିଶମ, ଉଦ୍ୟାନକୃଷି, ମତ୍ସ୍ୟ, ଖାଦ୍ୟ ଯୋଗାଣ, ପରିବହନ, ଜଙ୍ଗଲ ଆଦି ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା।

ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ହାମସର ସମ୍ପାଦକ ବିଜୟ ମହାପାତ୍ର, ଦହିଖାଇ ଯୁବକ ସଂଘ, ଲୋଧାଚୁଆ, ରଣପୁରର ସମ୍ପାଦକ ହୃଷିକେଶ ନାୟକ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଗୃହରେ ଉପସ୍ଥାପନ କରିଥିଲେ। ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣା ବେକ୍ଷଣ ନିମନ୍ତେ ଆୟ ଉପରେ ଅତିରିକ୍ତ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ଗାଁ ଗାଁରେ ଶୀତଳ ଷଷ୍ଠୀ ଯାତ୍ରା, ଦେବଦମ୍ପତିଙ୍କ ବିବାହ ଉତ୍ସବ



**ବାଲୁଗାଁ, ୧୧।୬(ସମିସ):** ଓଡ଼ିଶାର ମହାନ ପରମ୍ପରା ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପର୍ବରେ ଦେବଦମ୍ପତି ତଥା ଦେବଦେବ ମହାଦେବ ଶିବ ଓ ମାତା ପାର୍ବତୀଙ୍କର ବିବାହ ମହାମିଳନ ଉତ୍ସବ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସାରା ରାଜ୍ୟରେ ପାଳିତ ହୋଇ ଆସୁଛି। ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁରର ମଙ୍ଗରାଜପୁର, ବାଲୁଗାଁ ନିକଟସ୍ଥ ନିମିକ୍ଷେତା, ଚିଲିକା ବ୍ଲକ ଅନ୍ତର୍ଗତ ଛୋଟରାୟପୁର ଶାସନ ଓ ବଡକୂଳ ଆଦି ଗ୍ରାମର ଶୈବପୀଠମାନଙ୍କରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ତଥା ଶୀତଳଷଷ୍ଠୀ ଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଠାକୁରମାନେ ମନ୍ଦିରରୁ ବାହାରି ବରଯାତ୍ରୀ ସହ ବାଜା, ବାଣ, ରୋଷଣୀ ଓ ପାଟ ପଟୁଆରରେ ଗ୍ରାମ ପରିକ୍ରମା କରି ମାତା ପାର୍ବତୀଙ୍କ ମନ୍ଦିରକୁ ଆଗମନ କରିବା ପରେ ବିଳମ୍ବିତ ରାତ୍ରିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହେବା ପରେ ମଙ୍ଗଳବାର ସକାଳେ ଶୋଭାଯାତ୍ରାରେ ଶିବ ପାର୍ବତୀଙ୍କ ବିଗ୍ରହଙ୍କୁ ବୃଷଭ ବିମାନରେ ବିରାଜମାନ କରାଇ ବିଭିନ୍ନ ପାରମ୍ପରିକ ସାଜ ସଜା ସହ ବାଜାବାଣ ରୋସାଣୀ ରେ ଗ୍ରାମ ପରିକ୍ରମା କରି ଶିବ ପାର୍ବତୀଙ୍କ ବିଗ୍ରହକୁ ମନ୍ଦିରରେ ସ୍ଥାପନ କରାଯାଇଛି। ଦୁଇ ଦିନ ଧରି ଶୀତଳଷଷ୍ଠୀ ଯାତ୍ରା ପର୍ବ ସମ୍ପାଦନ ହେବା ପରେ ମଙ୍ଗଳବାର ସନ୍ଧ୍ୟାରେ ଠାକୁର ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ସଫା ହେଉନି ଜଟଣୀ ମୁଖ୍ୟ ରାସ୍ତା

## ସମସ୍ୟା ଭୋଗୁଛନ୍ତି ଗାଡ଼ି ଚାଳକ ଓ ଦୋକାନୀ

ଜଟଣୀ, ୧୧।୬(ସମିସ)




ରାସ୍ତାର ଦୁଇ ପାର୍ଶ୍ୱରେ ଜମି ରହିଛି ବାଲି। ଯଦି ଗାଡ଼ି ଚାଳକ ସାମାନ୍ୟ ଅନ୍ୟମନସ୍କ ବା ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ନିଶ୍ଚିତ। ଏ ହେଉଛି ଖୋଦ୍ ଜଟଣୀ ପୌରପାଳିକା ଅଞ୍ଚଳର ବିଭିନ୍ନ ମୁଖ୍ୟ ରାସ୍ତାର ଦୃଶ୍ୟ। ବିଶେଷ କରି ନାଇଜର ଛକରୁ ସୀତାରାମ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଏଭଳି ସମସ୍ୟା ସାଧାରଣଲୋକଙ୍କୁ ନୟାନ୍ତ କରୁଛି। ବର୍ତ୍ତମାନ ମୁଖ୍ୟ ରାସ୍ତା କାମ ଚାଲିଥିବାବେଳେ ଗୋଟିଏ ପଟେ ରାସ୍ତା ଅବରୋଧ କରାଯାଇ ସେହି ଗୋଟିଏ ପଟେ ଯାନବାହାନ ଚଳାଚଳ କରୁଛି। ଏଣୁ ରାସ୍ତା କଡ଼ରେ ବାଲି ଜମି ରହିବା ଫଳରେ ରାସ୍ତା କଡ଼ର ଦୋକାନୀମାନେ ସମସ୍ୟା ଭୋଗିବା ସହ ପ୍ରତିଦିନ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପୌରପାଳିକା ପକ୍ଷରୁ ମାସ ମାସ ଧରି ମୁଖ୍ୟ ରାସ୍ତାରୁ ବାଲି ସଫା ହେଉ ନଥିବା କାରଣରୁ ପରିଣତ ସ୍ୱରୂପ ଦୁଇ ପାର୍ଶ୍ୱରେ ପରସ୍ତ ପରସ୍ତ ବାଲି ରାସ୍ତା ମଝିକୁ ମାଡ଼ିବାକୁ ଲାଗିଲାଣି। ଯଦି ଆଗାମୀ ଦିନରେ ବାଲି ସଫା ନ ହୁଏ ତାହାଲେ ବିପଦ ବଢ଼ିବା ସହ ସମ୍ପୂର୍ଣ୍ଣ ରାସ୍ତା ବାଲିମୟ ହୋଇପଡ଼ିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ଜଟଣୀ ପୌରପାଳିକା ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତା ଗୁଡ଼ିକରେ ସବୁବେଳେ ଗହଳି ଲାଗି ରହୁଛି। କେବଳ ରାତି ୧୧ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଅବଧିକୁ ବାଦ ଦେଲେ ସବୁବେଳେ ଜାମ ରହୁଛି। ରାସ୍ତାର ଦୁଇ ପାର୍ଶ୍ୱରେ ବାଲି ଜମି ରହିଛି। ତେଣୁ ସେତିକି ଅଂଶକୁ ଯିଏ ଗାଡ଼ି ଚଢ଼ାଇଲା କଥା ସରିଲା, ଦୁର୍ଘଟଣା ଘଟିବା ଥୟ। ଏଥିପାଇଁ ସବୁଦିନ ଛୋଟମୋଟ ଦୁର୍ଘଟଣା ଘଟୁଛି। ସାଇକଲ, ସ୍କୁଟି, ବାଇକ୍ ଆରୋହୀମାନେ ପଡ଼ି ଉଠି ଖଣ୍ଡିଆ ଖାବରା ହେବା ନିତିଦିନିଆ କଥା ହୋଇଯାଇଛି। ସେହିପରି ରାସ୍ତାରେ ବାଲି ଜମି ରହିବା ଦ୍ୱାରା ରାସ୍ତା କଡ଼ର ଦୋକାନୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡ଼ି ଚଳପ୍ରଚଳ ଦ୍ୱାରା ବାଲିରୁ ଧୂଳି ଉଡ଼ି ଦୋକାନରେ ପଶୁଛି। ଯାହାଦ୍ୱାରା ଦୋକାନକୁ ଗ୍ରାହକମାନେ ଆସିବାକୁ ନାକ ଟେକୁଛନ୍ତି ବୋଲି ଅଭିଯୋଗ ହୋଇଛି। ପୌରପାଳିକା ପକ୍ଷରୁ ବର୍ଷ ତମାମ କିଛି ଗଳିକନ୍ଦିର ରାସ୍ତାରୁ ବାଲି ସଫା କରି ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରାଯାଉଛି। କିନ୍ତୁ ମୁଖ୍ୟ ରାସ୍ତାରେ ବାଲି ଜମି ରହିବା ଦ୍ୱାରା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ତାହା ଉପରେ ନଜର ପଡୁନି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଏବଂ ଗତ ଦୁଇ ମାସ ମଧ୍ୟରେ ଏଥିପାଇଁ ୧୦ରୁ ଊର୍ଦ୍ଧ୍ୱ ଛୋଟମୋଟ ଦୁର୍ଘଟଣା ଘଟିଛି ବୋଲି ଅଞ୍ଚଳବାସୀ ସୂଚନା ଦେଇଛନ୍ତି।

# ବିଭିନ୍ନ ବିଦ୍ୟାଳୟର ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ବାଣପୁର, ୧୧।୬(ସମିସ):** ରଙ୍ଗନାଥ ଶୈଳବାଳା ଟ୍ରଷ୍ଟ ଆନୁକୂଲ୍ୟରେ ବାଣପୁର ସ୍ଥିତ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ବାଣପୁର ଅଞ୍ଚଳର ୮ ଟି ବିଦ୍ୟାଳୟ ର ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟର ସଭାପତି ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଶର୍ମାଙ୍କ ସଭାପତିତ୍ୱ ରେ ଆୟୋଜିତ ସାଧାରଣ ସଭାରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଠ ପୋଷିକା ନୀଳମଣି ଶର୍ମା, ରଙ୍ଗନାଥ ଶତପଥିଙ୍କ ତୃତୀୟ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଭୁ ଜଗନ୍ନାଥ ଓ ମା'ଭଗବତୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଟ୍ରଷ୍ଟର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରା, ମୁଖ୍ୟବକ୍ତା ଭାବେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶରତ ପଟ୍ଟନାୟକ, ସାହିତ୍ୟ ସିନ୍ଦୁରାର ପ୍ରତିଷ୍ଠାତା ଗୋଲଖ ବିହାରୀ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର ଓ ଆଇନଜୀବୀ ହିମାଳୟ ଶତପଥି ପ୍ରମୁଖ ଯୋଗ ଦେଇ ଚଳିତ ୨୦୨୪ ବର୍ଷ ର ବିଭିନ୍ନ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଭଲ ମଣିଷ ଟିଏ ହେବା ପାଇଁ ଉପଦେଶ ଦେଇଥିଲେ।

# ମା'ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୯ ଲକ୍ଷ ୬୮ ହଜାର ୧୪୭ ଟଙ୍କା

**ଟାଙ୍ଗୀ, ୧୧।୬(ସମିସ):** ସୋମବାର ଟାଙ୍ଗୀ ବ୍ଲକ ଅଧିନସ୍ଥ ପ୍ରସିଦ୍ଧ ତନ୍ତ୍ରପୀଠ ମା' ଉଗ୍ରତାରାଙ୍କ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ୯ ଲକ୍ଷ ୬୮ ହଜାର ୧୪୭ ଟଙ୍କା ସଂଗ୍ରହ ହୋଇଥିବା ଜଣାପଡ଼ିଛି। ମନ୍ଦିର ହୁଣ୍ଡି ଗଣତି ସମୟରେ ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ବିଡିଓ ରେସ୍ମା ଟେଟେ, ଆଇଆଇସି ସୁଶାନ୍ତ କୁମାର ବେହେରା, ମନ୍ଦିର ଟ୍ରଷ୍ଟି କୁମର ପାତ୍ର, ସରପଞ୍ଚ କିଶୋର କୁମାର ରାଉତରାୟ, ମନ୍ଦିର କର୍ମଚାରୀ ଓ ଉପସ୍ଥିତ ଥିଲେ।

● ମା'ଉଗ୍ରତାରା ପୀଠରେ ରଜଯାତ୍ରା ପ୍ରସ୍ତୁତି ଶେଷ

# ମହୋତ୍ସବ ୫ ଦିନକୁ ବୃଦ୍ଧି ପାଇଁ ପ୍ରସ୍ତାବ



**ନିରାକାରପୁର, ୧୧।୬(ସମିସ):** ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରସିଦ୍ଧ ଶକ୍ତି ଓ ତନ୍ତ୍ର ପୀଠ ଠାରେ ପ୍ରତିବର୍ଷ ଅନୁଷ୍ଠିତ ରଜ ମହୋତ୍ସବ ୩ ଦିନ ଚାଲିଥାଏ।ମାତ୍ର ବିଧାୟକଙ୍କ ପ୍ରସ୍ତାବ କ୍ରମେ ମହୋତ୍ସବକୁ ୫ ଦିନକୁ ବୃଦ୍ଧି କରାଯିବା ପାଇଁ ଆଲୋଚନା ହୋଇଥିବା ଟାଙ୍ଗୀ ତହସିଲଦାର ମିତାଲୀ ପାତ୍ର ଜଣାଇଛନ୍ତି।ଖୋର୍ଦ୍ଧା ଜିଲ୍ଲା ମୁଳିଝରଗଡ଼ ସ୍ଥିତ ପ୍ରସିଦ୍ଧ ଶକ୍ତି ଓ ତନ୍ତ୍ର ପୀଠରେ ରଜରେ ପ୍ରସିଦ୍ଧ ରଜ ଯାତ୍ରା ୧୪ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ମା'ଉଗ୍ରତାରା ମହୋତ୍ସବ ୩ ଦିନ ଚାଲିଥିଲା। ଏହି ସମୟରେ ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ମା'ଙ୍କୁ ଦର୍ଶନ କରିବା ସହିତ ପଡ଼ିଥିବା ଭଳି କି ଭଳି ଦୋକାନ ବଜାରରୁ ବିଭିନ୍ନ ଜିନିଷ ପତ୍ର କିଣି ନେଇଥାନ୍ତି। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମସ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ବିଧାୟକଙ୍କ ଉପସ୍ଥିତିରେ ମହୋତ୍ସବକୁ ୩ ଦିନରୁ ବଢ଼ାଇ ୫ ଦିନ କରିବାକୁ ପ୍ରସ୍ତାବ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଦିପ୍ତୀ ରଞ୍ଜନ ସେଠୀ, ବିଡ଼ିଓ ରେସମା ଟେଟେ ଓ ତହସିଲଦାର ମିତାଲି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାଆଙ୍କ କୃପାରୁ ୫ ଦିନ ଉତ୍ସବଟିକୁ ଜାତି, ଧର୍ମ, ରାଜନୀତି ଓ ଦଳମତରୁ ଊର୍ଦ୍ଧ୍ୱରେ ରହି ଅଞ୍ଚଳବାସୀଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ଆର୍ଯ୍ୟକଳା ନୀଳୟର ବାର୍ଷିକ ଉତ୍ସବ

**କୁହୁଡ଼ି, ୧୧।୬ (ସମିସ):** ଆର୍ଯ୍ୟକଳା ନିଳୟ ଦ୍ୱାରା ପରିଚାଳିତ ଆର୍ଯ୍ୟକଳା ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ନବ ପଟ୍ଟନାୟକ ସ୍ମୃତି ମଣ୍ଡପରେ କଳସ ସ୍ଥାପନ, ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ ଆଦି କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ କୁବେର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ।ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ କରିବା ପରେ ସନ୍ଧ୍ୟାରାଣୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟାପକ ଅପର୍ତ୍ତି ବେହେରା ଶୃଙ୍ଖଳିତ ଜୀବନ ହେଲେ ସଫଳତା ହାସଲ କରିହୁଏ ବୋଲି କହିଥିଲେ। ସମ୍ମାନିୟ ଅତିଥି ଶେଷଦେବ ଦାସ ଏହିଭଳି ଅନୁଷ୍ଠାନକୁ ସରକାର ସାହାଯ୍ୟ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ରଶେଖର ଦାଶ କଳା ହିଁ ସୃଜନଶକ୍ତିର ଶ୍ରେଷ୍ଠ ପରିପ୍ରକାଶ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଉତ୍ସବର ସଫଳତା ପାଇଁ ବିଦ୍ୟାଳୟର ସଭାପତି ବିଧୁଭୂଷଣ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ / ପରମ୍ପରାକୁ ଉଜ୍ଜୀବିତ କରେ ମହୋତ୍ସବ



**ବାଣପୁର, ୧୧।୬(ସମିସ):** ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ପର୍ବ ରେ ଦେବ ଦମ୍ପତି ତଥା ଦେବ ଦେବ ମହାଦେବ ଶିବ ଓ ମାତା ପାର୍ବତୀଙ୍କର ବିବାହ ମହାମିଳନ ଉତ୍ସବ ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସାରା ରାଜ୍ୟରେ କାହିଁ କେଉଁ ଆବାହନ କାଳରୁ ପାଳିତ ହୋଇ ଆସୁଥିବା ବେଳେ ବାଣପୁରର ମଙ୍ଗରାଜପୁର ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଶ୍ରୀ ଗଡିଶ୍ୱର ଦେବଙ୍କ ପୀଠରେ ଧୂମଧାମର ସହ ଶୀତଳଷଷ୍ଠୀ ଯାତ୍ରା ପର୍ବ ପାଳନ ଅବସରରେ ସୋମବାର ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପର୍ଣ୍ଣ ହୋଇଛି। ଚଳିତ ବର୍ଷ ବରପକ୍ଷରୁ ଦିଲ୍ଲୀପ କୁମାର ପଣ୍ଡା ଓ ତାଙ୍କ ପତ୍ନୀ ବାସନ୍ତୀ ପଣ୍ଡା ମହାଦେବଙ୍କ ପିତାମାତା ଏବଂ କନ୍ୟାପକ୍ଷରୁ ବ୍ରଜ କିଶୋର ପଣ୍ଡା ଓ ତାଙ୍କ ପତ୍ନୀ ସଂଯୁକ୍ତା ପଣ୍ଡା ମାତା ପାର୍ବତୀଙ୍କ ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୁରୋହିତ ଅରୁଣ କୁମାର ବିଗ୍ରହଙ୍କ ତତ୍ତ୍ୱାବଧାନରେ ସୋମବାର କନ୍ୟା ଘର ତରଫରୁ ଦେବ ଦେବ ମହାଦେବଙ୍କୁ ବର ନିମନ୍ତ୍ରଣ କରା ଯାଇଥିବା ବେଳେ ସନ୍ଧ୍ୟାରେ ଦେବଦେବ ମହାଦେବ ବାଜା, ବାଣ, ରୋଷଣୀ ଓ ପାଟପଟୁଆରରେ ଗ୍ରାମ ପରିକ୍ରମା କରି ମନ୍ଦିରରେ ପହଞ୍ଚିବା ପରେ ଦେବ ଦମ୍ପତିଙ୍କର ବିବାହ ଉତ୍ସବ ସମାପନ ହୋଇଥିଲା। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଉପଲକ୍ଷେ ବରଯାତ୍ରୀ ତଥା ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବରପକ୍ଷ ଓ କନ୍ୟାପକ୍ଷଙ୍କ ସହ ଗ୍ରାମବାସୀଙ୍କ ଘରେ ଘରେ ବନ୍ଧୁବାନ୍ଧବ ଆଗମନ କରି ଉତ୍ସବରେ ସାମିଲ ହୋଇ ଦେବ ଦମ୍ପତିଙ୍କ ଆଶୀର୍ବାଦ ନେଇଥିଲେ। ମଙ୍ଗଳବାର ସକାଳେ ଦେବ ଦମ୍ପତି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶୀତ ଷଷ୍ଠୀ ଯାତ୍ରା ଧୂମଧାମରେ ପାଳିତ ହେଉଥିବା ବେଳେ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି।

**ବେଗୁନିଆ:** କୁଶପଲା ଗ୍ରାମର ମା'ଜାଗେଶ୍ୱରୀ ମନ୍ଦିର ପରିସରରେ ଗ୍ରାମ୍ୟ କମିଟି ପକ୍ଷରୁ ଦୁଇ ଦିନ ଧରି ଚାଲିଥିବା ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ସଂଯୋଜନାରେ ସମାଜସେବୀ ନବ କିଶୋର ପାଣି ମୁଖ୍ୟଅତିଥି, ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ ମୁଖ୍ୟବକ୍ତା, ସମାଜସେବୀ ସେକ ରହିମ ଓ ନରେନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷରେ ସମ୍ବଲପୁରୀ, ପାଇକ ଆଖଡ଼ା ଓ ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମ୍ୟକମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀ ସଂଯୋଜନାରେ ଶିକ୍ଷାବିତ ସୁନିଲ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ରମେଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ସମାଜସେବୀ ଶରତ ମହାପାତ୍ର ଓ ସେକ ଜବାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପିଢ଼ିକୁ ପ୍ରେରଣା ଦେଇଥାଏ ମହୋତ୍ସବ ବୋଲି ମତ ଦେଇଥିଲେ। ଶିକ୍ଷକ ସୁଧାକର ସେଠୀ ସଂଯୋଜନା କରିଥିବା ବେଳେ ଗ୍ରାମ୍ୟ କମିଟି ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଧିରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପାଇକ ଆଖଡ଼ା, ସିଂହ ବାଜା, ମେଲୋଡି ଓ ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।



# ଜଳୁନି ଷ୍ଟେସନରୋଡ ଷ୍ଟ୍ରିଟ୍ ଲାଇଟ୍

**ନିରାକାରପୁର, ୧୧।୬(ସମିସ):** ଖୋର୍ଦ୍ଧା ରୋଡ଼ ଡିଭିଜନ ଅନ୍ତର୍ଗତ ପ୍ରମୁଖ ନିରାକାରପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ତରଫରୁ ୩ ମାସ ତଳେ ଗଣଧାରଣା ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଷ୍ଟେସନ ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବା, ଟକଟ ଯାଞ୍ଚ କରିବା, ଷ୍ଟେସନରେ ଚାଲିଥିବା ଉନ୍ନତୀମୂଳକ କାର୍ଯ୍ୟର ତଦାରଖ କରିବା ଓ ୪ ନଂ ପ୍ଲାଟଫର୍ମରେ ଟିକଟ କାଉଣ୍ଟର ପାଇଁ ପ୍ରଥମେ ଟିକଟ ବିକ୍ରି ଉପରେ ଗୁରୁତ୍ୱ ଦେବା ପରେ ତା ଉପରେ ପଦକ୍ଷେପ ନିଆଯିବ ଓ ଅନ୍ୟ ଏକ୍ସପ୍ରେସ ଟ୍ରେନ୍ ରହଣୀ ଉପରେ ଷ୍ଟେସନ ରେଳ ରାଜସ୍ୱ ଉପରେ ନିର୍ଭର କରୁଛି। ଏହାକୁ ଦେଖି ପରେ ତାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏନେଇ ଷ୍ଟେସନ ମାଷ୍ଟର ଲିଖିତ ପ୍ରତିଶ୍ରୁତି ଧାରଣାରତ କ୍ରିୟାନୁଷ୍ଠାନ କମିଟିକୁ ପ୍ରଦାନ କରିଥିଲେ। ଏହା ପରେ ଷ୍ଟେସନ ରୋଡରେ ଆଲୋକୀକରଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମୁଦାୟ ୧୭ ଟି ଷ୍ଟ୍ରିଟ ଲାଇଟ ଲଗାଯିବା ପାଇଁ ୧୭ ଟି ଗାତ ଖୋଳା ଯାଇଥିଲା କିନ୍ତୁ ସମ୍ପୃକ୍ତ ଠିକାଦାର ଷ୍ଟେସନ ପଟୁ ମାତ୍ର ୭ଟି ଷ୍ଟ୍ରିଟ୍‌ଲାଇଟ ଲାଗିଥିବା ବେଳେ ସେଥିରୁ ଗୋଟିଏ ପ୍ରଥମ ଦିନରୁ ହିଁ ଜଳୁନାହିଁ। ଆଉ ଗୋଟିଏ ଭାଙ୍ଗି ତଳକୁ ଝୁଲିଛି। ଆଉ ଅନ୍ୟ ଗାତ ଗୁଡ଼ିକ ସେମିତି ପଡ଼ି ରହିଥିବା ବେଳେ ସମ୍ପୃକ୍ତ ଠିକାଦାରଙ୍କ ଦେଖା ଦର୍ଶନ ନାହିଁ। କଥା ଉଠେ କେବଳ ଲୋକଦେଖାଣିଆ ଭାବେ କିଛି ଅଂଶ କାର୍ଯ୍ୟ କରି ଉଭାନ ହୋଇଥିବା ଠିକାଦାର ରେଳ ବିଭାଗର ନିର୍ଦ୍ଦେଶରେ କେବେ ବାକି ଥିବା କାର୍ଯ୍ୟ ଆରମ୍ଭ କରୁଛି ଦେଖିବାକୁ ବାକି ରହିଲା।



୧୫ରୁ ବରୁଣେଇରେ ରଜ ମହୋତ୍ସବ

# ରଜଦୋଳି ଓ ରଜପାନର ମଜାନେବେ ଦର୍ଶକ

ଖୋର୍ଦ୍ଧା, ୧୧।୬(ସମିସ)

● ପ୍ରଶାସନର ପ୍ରସ୍ତୁତି ବୈଠକ

● ପାରମ୍ପରିକ ନୃତ୍ୟରେ ଝୁମିବ ପରିବେଶ



ପାଇକ ବିଦ୍ରୋହ ଗାଥା ବହନ କରୁଥିବା ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ବରୁଣେଇ ପୀଠ ଚଳିତ ବର୍ଷ ରଜପର୍ବ ଅବସରରେ ଉତ୍ସବ ମୁଖର ହେବ। ଚଳିତବର୍ଷ ମହୋତ୍ସବ ଆୟୋଜନ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।୧୫ ତାରିଖ ରଜ ସଂକ୍ରାନ୍ତି ଠାରୁ ୩ ଦିନ ବ୍ୟାପି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ବରୁଣେଇ ରଜମହୋତ୍ସବ ଅନୁଷ୍ଠିତ ହେବ।ଏହି ଅବସରରେ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରଜମହୋତ୍ସବ ସମୟରେ ବିଗତ ବର୍ଷ ପରି ରଜଦୋଳୀ ଏବଂ ରାଜପାନରେ ଭରପୁର ମଜା ଦର୍ଶକ ଉଠାଇବାକୁଥିବା ବେଳେ ମହିଳାଙ୍କ ହୁଳହୁଳିରେ ବରୁଣେଇ ପରିବେଶ କମ୍ପିବା ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ଆୟୋଜକଙ୍କ ତରଫରୁ ସୂଚନା ମିଳିଛି। ସେହିପରି ଦିଶାନ୍ତ ତରଫରୁ ରଜଦୋଳି, ରଜପାନ ଭଙ୍ଗା, ପୁଚି, ହୁଳହୁଳି, କବାଡ଼ି, ପଶା ପ୍ରମୁଖ ପାରମ୍ପରିକ ଖେଳ ପ୍ରତିଯୋଗିତା ଏବଂ ରଜଦୋଳି ନୃତ୍ୟ, ଭଜନ ସମାରୋହ, ଆଧୁନିକ ନୃତ୍ୟ, ଗୋଟିପୁଅ, ଛଉ ଓ ଓଡ଼ିଶୀନୃତ୍ୟ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ଜିଲ୍ଲା ସଂସ୍କୃତି ବିଭାଗ ବିଭାଗ ପକ୍ଷରୁ ପାଇକ ଆଖଡା ଓ ସଂକୀର୍ତ୍ତନ ସମାରୋହ ଆଦି ଆୟୋଜନ କରାଯିବ।

ମହୋତ୍ସବକୁ ଶୃଙ୍ଖଳିତ କରିବାକୁ ଆୟୋଜକଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଏଠାରେ ବହୁ ପ୍ରଦର୍ଶନୀ ମେଢ ଏବଂ ଘରକରଣା ଦୋକାନ ଖୋଲିବା ସମ୍ଭାବନା ଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱଦେବାକୁ ଜିଲ୍ଲା ପୁଲିସକୁ ଦାୟିତ୍ୱ ଦିଆଯାଇଛି। ଅଧିକ ସଂଖ୍ୟକ ସ୍ଥାନରେ ପୁଲିସ ମୁତୟନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ପୌର ପାଳିକା ପକ୍ଷରୁ ଜାତୀୟ ରାଜପଥ ଏବଂ ଉତ୍ସବ ସ୍ଥଳରେ ଦୁଇଟି ତୋରଣ ନିର୍ମାଣ, ଆଲୋକିକରଣ ଓ ପରିମଳ, ବରୁଣେଇ ମନ୍ଦିର ପାର୍ଶ୍ୱ ପରିଷ୍କାର, ବରୁଣେଇ ଛକରୁ ପାଦଦେଶ ପର୍ଯ୍ୟନ୍ତ ଆଲୋକୀକରଣ, ଦୋକାନ ଓ ଷ୍ଟଲମାନଙ୍କରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବେ। ଉତ୍ସବ ସ୍ଥଳରେ ଆବଶ୍ୟକୀୟ ବିଦ୍ୟୁତ୍ ସଂଯୋଗ ଲାଗି ବିଦ୍ୟୁତ୍ ଯୋଗାଣ ନିର୍ବାହୀଯନ୍ତ୍ରୀ ବ୍ୟବସ୍ଥା କରିବେ। ଏଥିସହିତ ମହୋତ୍ସବକୁ ଅଧିକ ଆକର୍ଷଣୀୟ ତଥା ସରକାରୀ ଯୋଜନା ଗୁଡିକର ଲୋକାଭିମୁଖୀ ନିମନ୍ତେ ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସର୍ବଶିକ୍ଷା ଅଭିଯାନ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ ବିଭାଗ, ଆତ୍ମା, ଓରମାସ, ମତ୍ସ୍ୟ ଓ ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ, ବନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

ସେହିପରି ପରିମଳ, ଅଗ୍ନିନିର୍ବାପକ ଯନ୍ତ୍ର ପ୍ରଭୃତି ଉପରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ବୈଠକ ପରିଚାଳନା କରିଥିବା ବେଳେ ବୈଠକରେ ଦିଶାନ୍ତ ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରେନ୍ଦ୍ରନାଥ ମିତ୍ର, ଅତିରିକ୍ତ ଏସ୍‌ପି ଶ୍ରୀ ମୁର୍ମୁ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସିଡିଏମଓ ରାଜଲକ୍ଷ୍ମୀ ପଟ୍ଟନାୟକ, ଅନୁଷ୍ଠାନର ନିରଞ୍ଜନ ନାୟକ, ଦିଲ୍ଲିପ ପରିଡ଼ା, ସଞ୍ଜୀବ ପରିଡ଼ା, ସମୀର ସାହୁ ପ୍ରମୁଖ ଉପସ୍ଥିତଥିଲେ।

# ଓଲଟିଲା ତେଲ ଟ୍ୟାଙ୍କର୍, ଅଟୋ ଚୂରମାର

**କାଲୁପଡ଼ାଘାଟ/ନିରାକାରପୁର, ୧୧।୬(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଛକ ନିକଟରେ ଭାରସ୍ୟାମ୍ ହରାଇ ଏକ ପେଟ୍ରୋଲ କଣ୍ଟେନର ଓଲଟି ଚାଳକ ଗୁରୁତର ହୋଇ ଥିବା ବେଳେ ରଖାଯାଇଥିବା ଏକ ଅଟୋ ଚୁରମାର ହୋଇଯାଇଛି। ଖବରପାଇ ଜଂକିଆ ପୁଲିସ ପହଁଞ୍ଚିଚ ଦୁର୍ଘଟଣାରେ ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ବାଲୁଗାଁରୁ ପେଟ୍ରୋଲ ଖାଲି କରି ଗୋଟିଏ ପେଟ୍ରୋଲ କଣ୍ଟେନର ପାରାଦ୍ୱୀପ ଅଭିମୁଖେ ଯାଉଥିବା ଚାଳକ ଜଣକ କୌଣସି କାରଣରୁ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବଡ଼ପୋଖରିଆ ଛକରେ କଣ୍ଟେନର ରାସ୍ତା କଡ଼ରେ ଥିବା ଆମ୍ବ ଦୋକାନକୁ ଧକ୍କା ଦେଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ଜଂକିଆ ପୁଲିସ ପହଞ୍ଚି ଗୁରୁତର ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଦୁର୍ଘଟଣାଗ୍ରସ୍ତ କଣ୍ଟେନର ନଂ ଓଡି ୧୮ ଜେ-୮୧୯୯ ଧକ୍କାରେ ଆମ୍ବ ଦୋକାନ କଡ଼ରେ ଥିବା ଏକ ଅଟୋ ରିକ୍ସା ନଂ ଓଆର ବି ଏଚ ୩୩୪୬ ଭାଙ୍ଗି ରୁଜି ଚୂରମାର ହୋଇଛି।



